

ଷଷ୍ଠ ବର୍ଷ ● ତୃତୀୟ ସଂଖ୍ୟା
ମାର୍ଚ୍ଚ - ଅପ୍ରେଲ, ୨୦୨୧

ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)




ବେଦ ପ୍ରଚାର ସମିତି, ଟିଟିଲାଗଡ଼ ପକ୍ଷରୁ ଗୋବିନ୍ଦ ବାଟିକାଠାରେ
୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞର ଭବ୍ୟ ଆୟୋଜନ




୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞରେ ଧ୍ୱଜୋତ୍ତୋଳନ




ଧ୍ୱଜୋତ୍ତୋଳନ କାର୍ଯ୍ୟକ୍ରମରେ ସମବେତ ଶ୍ରଦ୍ଧାଳୁ ଜନତା



ଅଭ୍ୟର୍ଥନା ସମିତି ଉପାଧକ୍ଷ ସତ୍ୟନାରାୟଣ ଗୁପ୍ତା ସମ୍ବର୍ଦ୍ଧିତ



ଅଭ୍ୟର୍ଥନା ସମିତି ଉପାଧକ୍ଷ ବୃନ୍ଦାବନ ପାଢୀ ସମ୍ବର୍ଦ୍ଧିତ



ଅତିଥିମାନଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧନା




ଆରତୀ ସାହୁଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧନା

**ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି ।** (ଅଥର୍ବ.୧:୧:୪)

**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା

(ଦ୍ୱିମାସିକ)

ପ୍ରତିଷ୍ଠାତା

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ

**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ

**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ

**ଆନନ୍ଦ ସାମନ୍ତରାୟ**

**ଡଃ. ଲଳିତମଞ୍ଜରୀ ସାହୁ**

ପରିଚାଳନା ମଣ୍ଡଳୀ

**ଇଂ. ଇ. କୁମାର ସ୍ୱାମୀ**

**ଦଣ୍ଡପାଣି ମିଶ୍ର**

**ନିମାଇଁ ଚରଣ ସ୍ୱାଇଁ**

**ଗୌରଚନ୍ଦ୍ର ଦାସ**

**ଇଂ. ନାରାୟଣ ପଣ୍ଡା**

କାର୍ଯ୍ୟାଳୟ

**ଶ୍ରୁତିନ୍ୟାସ**

**ଏଚ୍.ଆଇ.ଜି-୧୫୨, ଫେଜ୍-୭**

**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**

ଚ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭

E-mail : shrutisourabha@gmail.com

Website : www.shrutinyasa.org

**ସଦସ୍ୟତା ଶୁଳ୍କ**

ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-

ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-

**Shruti Sourabha**

Spiritual Social Vedic Magazine

Bimonthly

Vol-6, Issue-3, Mar-April. 2021

**Webpage:**

**http://www.thearyasamaj.org/shrutisourabha**


## ସୂଚୀପତ୍ର


| | | |
|---|---|---|
| ୦୧. | ନିରାଶା ଅନ୍ଧାରରେ ଆଶାର ଆଲୋକ | ୦୨ |
| ୦୨. | ମଣିଷ ହୁଅ ଓ ଦିବ୍ୟ ମାନବ ସୃଜନ କର | ୧୧ |
| ୦୩. | ମୁକ୍ତିରୁ ପୁନରାବୃତ୍ତି | ୨୩ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓ୩ମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

କ୍ରାନ୍ତିପୁରୁଷ ମହର୍ଷି ଦୟାନନ୍ଦ:

# ନିରାଶା ଅନ୍ଧାରରେ ଆଶାର ଆଲୋକ

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ଧରାପୃଷ୍ଠରେ ମହାପୁରୁଷଙ୍କ ଅବତରଣ ଇତିହାସର ଏକ ବିଶିଷ୍ଟ ଘଟଣା । ସ୍ୱ ଉଦାତ୍ତ ବ୍ୟକ୍ତିତ୍ୱ, ଉତ୍କୃଷ୍ଟ ବିଚାରସରଣୀ ତଥା ପ୍ରଭାବୋତ୍ପାଦକ କାର୍ଯ୍ୟକଳାପ ଦ୍ୱାରା ଏମାନେ ସମାଜର ତାତ୍‌କାଳିକ କଲ୍ୟାଣ ସାଧନ ତ କରିଥାନ୍ତି, ତା' ସାଙ୍ଗକୁ ଯୁଗ-ଯୁଗ ପର୍ଯ୍ୟନ୍ତ ମାନବ ଜାତିକୁ ପଥପ୍ରଦର୍ଶନ କରିଚାଲିଥାନ୍ତି । ଏଭଳି ସଂସ୍କାରଶୀଳ ଓ ପ୍ରଭବିଷ୍ଣୁ ବ୍ୟକ୍ତିତ୍ୱସମ୍ପନ୍ନ ମହାପୁରୁଷଙ୍କୁ ଜନ୍ମଦେବାରେ ଭାରତ ଭୂମି ସର୍ବଦା ଉର୍ବର ରହିଆସିଛି । ଊନବିଂଶ ଶତାବ୍ଦୀରେ ଭାରତରେ ସଂଘଟିତ ହୋଇଥିବା ଧାର୍ମିକ, ସାମାଜିକ ଓ ସାଂସ୍କୃତିକ କ୍ରାନ୍ତିର ସୂତ୍ରଧର ମହର୍ଷି ଦୟାନନ୍ଦ ସରସ୍ୱତୀ ଏଭଳି ଜଣେ ମହାପୁରୁଷ ।

ମହର୍ଷି ଦୟାନନ୍ଦଙ୍କ ଆବିର୍ଭାବ ପୂର୍ବରୁ ଏ ଦେଶର ଧାର୍ମିକ, ସାମାଜିକ, ରାଜନୈତିକ ଓ ଆର୍ଥିକ ସ୍ଥିତି କ'ଣ ଥିଲା ଆଜି ତାହା କଳ୍ପନା କରିପାରିବା ମଧ୍ୟ କଷ୍ଟକର । ଆର୍ଯ୍ୟାବର୍ତ୍ତର ଅଗ୍ରଜନ୍ମା-ଯୋଗଜନ୍ମା ଋଷି-ମହର୍ଷିଙ୍କ ପୁଣ୍ୟ ପ୍ରତାପରେ ଦିନେ ସମଗ୍ର ସଂସାରରେ ବ୍ୟାପିଥିବା ଈଶ୍ୱରୀୟ ପବିତ୍ର ବୈଦିକ ଧର୍ମ ଭାରତରେ ହିଁ ଲୁପ୍ତପ୍ରାୟ ସ୍ଥିତିକୁ ଆସିଯାଇଥିଲା । ବର୍ଷାଦିନେ ଛତୁ ଫୁଟିବା ଭଳି ହଜାର-ହଜାର ସଂଖ୍ୟକ ମତ-ସଂପ୍ରଦାୟ ତା' ସ୍ଥାନ ଅଧିକାର କରିସାରିଥିଲେ । ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା ବୋଲି କୁହାଯାଉଥିଲେ ମଧ୍ୟ ମଣିଷ ନୂଆ-ନୂଆ ଭଗବାନଙ୍କୁ ସୃଷ୍ଟି କରିଚାଲିଥିଲା । ଏ ଭଗବାନମାନେ ଅନେକ ହେବା ସହ ଶକ୍ତି-ସାମର୍ଥ୍ୟ ଓ ଯୋଗ୍ୟତା ଆଧାରରେ ସାନ-ବଡ଼ ବି ଥିଲେ । ସେମାନଙ୍କ ଜୀବନଚରିତ(ପୁରାଣ)ରୁ ଯାହା ଜଣାଯାଏ ସେମାନଙ୍କ ଭିତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ବି ରହିପାରୁନଥିଲା, ଈର୍ଷ୍ୟା-ଦ୍ୱେଷ-ଅହଂକାର ଆଦି କାରଣରୁ ପାରସ୍ପରିକ ସ୍ପର୍ଦ୍ଧା-ସଂଘର୍ଷ ଚାଲିଥିଲା ।

ଧର୍ମର ବାସ୍ତବିକ, ଉଦାତ୍ତ ସ୍ୱରୂପ ସମାଜରୁ ବିସ୍ମୃତ ହୋଇଯାଇଥିଲା । ଚିତା-ତିଳକ, କଣ୍ଠି-ମାଳି ଆଦି ବାହ୍ୟ ଚିହ୍ନ ଧାରଣ ହିଁ ଧର୍ମ ବୋଲି ମନେକରାଯାଉଥିଲା । ଅଷ୍ଟାଙ୍ଗ ଯୋଗ ଈଶ୍ୱର ପ୍ରାପ୍ତିର ପ୍ରକୃତ ମାର୍ଗ ବୋଲି କେତେକ କହୁଥିଲେ ତ କୌଣସି ସ୍ଥାନରେ ବୁଡ଼ିଲେ, କେଉଁଠି ନିବାସ କଲେ, କୌଣସି ମନ୍ତ୍ର ଜପିଦେଲେ ସହଜରେ ଈଶ୍ୱର ମିଳିଯିବାର ପ୍ରଲୋଭନ ଆଉ କେତେକ ଦେଉଥିଲେ । ଏକପକ୍ଷରେ ଅହିଂସାକୁ ପରମ ଧର୍ମ ବୋଲି କୁହାଯାଉଥିଲା ତ ଅନ୍ୟପକ୍ଷରେ ରକ୍ତ-ମାଂସରେ ଦେବତା ତୃପ୍ତ ହୁଅନ୍ତି ବୋଲି କହି ତାହା ଭୋଗ ଲଗାଯାଉଥିଲା । ନର ଦେହେ ନାରାୟଣ ବୋଲି କୁହାଯାଉଥିଲେ ମଧ୍ୟ ଏକ ଦିଗରେ କୋଟି-କୋଟି ଜନତାଙ୍କ ମୁଣ୍ଡ ଉପରେ ଚାଳ-ଛପର ଖଣ୍ଡିଏ ନ ଥିଲା ତ ଅନ୍ୟ ଦିଗରେ କାଠ-ପଥରର ମୂର୍ତ୍ତି ପାଇଁ ବିରାଟ ମଠ-ମନ୍ଦିର ତିଆରି କରାଯାଉଥିଲା; ଦରିଦ୍ର ଭୋକିଲା ପେଟକୁ ଦାନା ଓ ପିଠିକୁ କନା ଖଣ୍ଡିଏ ମିଳିପାରୁନଥିବା ବେଳେ ପଥର ଦେଉଳରେ ଷଡ଼ରସ ବ୍ୟଞ୍ଜନ ପରଷା ଯାଉଥିଲା ଓ ପାଟ-ପୀତାମ୍ବରରେ ଭଣ୍ଡାର ଭରାଯାଉଥିଲା । ଜୀବନର ପ୍ରତି ପଦେପଦେ ଶକୁନ-ଅପଶକୁନ, ଶୁଭ-ଅଶୁଭ ମୁହୂର୍ତ୍ତର ଚିନ୍ତନ ସମାଜକୁ ଅକର୍ମଣ୍ୟ, ଭୀରୁ, ଆତ୍ମବିଶ୍ୱାସହୀନ କରିଦେଇଥିଲା ।

ନାରୀ ଓ ଶୂଦ୍ରଙ୍କୁ ବିଦ୍ୟା ପଢ଼ିବାର ଅନୁମତି ନ ଥିଲା । ମହିଳାଙ୍କୁ ପାଦର ପାଣ୍ଢୋଇ ବୋଲି

ମନେକରାଯାଉଥିଲା । ବେଦମନ୍ତ୍ର ଶୁଣିଦେଲେ ଶୂଦ୍ରଙ୍କ କାନରେ ତରଳ ସୀସା ଢାଳିଦିଆଯିବାର ଶାସ୍ତ୍ରୀୟ ବ୍ୟବସ୍ଥା କରିଦିଆଯାଇଥିଲା । ଅଳ୍ପବୟସରେ ପିଲାଙ୍କ ବିବାହ କରିଦିଆଯାଉଥିଲା । ଏଣୁ ବାଲ୍ୟବିଧବାଙ୍କ ସଂଖ୍ୟା ବହୁ ପରିମାଣରେ ଥିଲା । ଏମାନଙ୍କୁ ଉପେକ୍ଷିତ, ଅତ୍ୟାଚାରିତ, ନିର୍ଯାତିତ ଜୀବନ ଜୀଇଁବାକୁ ବାଧ୍ୟ କରାଯାଉଥିଲା । ଆଉ କେଉଁଠି ତ ମୃତ ପତିର ଚିତାରେ ଜୀବିତ ପତ୍ନୀକୁ ବଳପୂର୍ବକ ଜଳାଇଦେବାକୁ ଧର୍ମ ବୋଲି ବିଚାର କରାଯାଉଥିଲା । ବିଚାରୀ ହତଭାଗିନୀର ଆର୍ତ୍ତ ଚିତ୍କାର ଧର୍ମୋନ୍ମାଦୀଙ୍କ ଜୟଘୋଷ ମଧ୍ୟରେ ବିଲୀନ ହୋଇଯାଉଥିଲା । ସବର୍ଣ୍ଣ-ଅସବର୍ଣ୍ଣ, ଉଚ୍ଚ-ନୀଚ, ସ୍ପୃଶ୍ୟ-ଅସ୍ପୃଶ୍ୟର ଭେଦଭାବ ସମାଜରେ ଅତି ତୀବ୍ର ଥିଲା । ବେଦର ପଠନ-ପାଠନ ନାମମାତ୍ର ଥିଲା । ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିବା କାରଣରୁ ଅନ୍ୟମାନଙ୍କ ଅପେକ୍ଷା ନିଜକୁ ଶ୍ରେଷ୍ଠ ବୋଲି ଦାବୀ କରୁଥିବା ଲୋକେ ମଧ୍ୟ ବେଦ ପଢ଼ିବା ତ ଦୂରର କଥା ବେଦର ଦର୍ଶନ ବି କରିନଥିଲେ । ସଂସ୍କୃତରେ ଯାହା-ତାହା ବୁଦ୍ଧିହୀନ, ଅନର୍ଗଳ କଥା ଲେଖାଯାଉଥିଲା ତାକୁ ବେଦବାକ୍ୟ ବୋଲି ମାନି ନିଆଯାଉଥିଲା । ପୁରାଣର ଗାଲୁ ଗପଗୁଡ଼ିକୁ ମଧ୍ୟ ବ୍ରହ୍ମଜ୍ଞାନ ବୋଲି ବୁଝାଯାଉଥିଲା ।

ଏପରି ସ୍ଥିତିରେ ବୈଦେଶିକ ଧର୍ମାବଲମ୍ବୀମାନେ ହିନ୍ଦୁମାନଙ୍କର ଦେବଦେବୀଙ୍କ କାହାଣୀଗୁଡ଼ିକୁ ନେଇ ଖୁବ୍ ବ୍ୟଙ୍ଗ-ବିଦ୍ରୂପ କରୁଥିଲେ । ହିନ୍ଦୁଙ୍କ ତଥାକଥିତ ବଡ଼ ବଡ଼ ପଣ୍ଡିତମାନେ ମଧ୍ୟ ଏସବୁର ତର୍କସଙ୍ଗତ ଉତ୍ତର ଦେଇପାରୁ ନ ଥିଲେ । ପରିଣାମରେ ହଜାର-ହଜାର ବ୍ୟକ୍ତି ଖ୍ରୀଷ୍ଟିଆନ-ମୁସଲମାନ ହୋଇଯାଉଥିଲେ । ଅନେକେ ସମାଜର ତଥାକଥିତ ଉଚ୍ଚ ବର୍ଗଙ୍କ ଶୋଷଣ-ଉତ୍ପୀଡ଼ନ ଓ ନିଜର ଅଭାବ-ଦାରିଦ୍ର୍ୟ କାରଣରୁ ତଥା ଅନ୍ୟ ଧର୍ମରୁ ମିଳୁଥିବା ସାହାଯ୍ୟ-ସହଯୋଗ ଯୋଗୁଁ ମଧ୍ୟ ସ୍ୱଧର୍ମ ପରିତ୍ୟାଗ କରିବାକୁ ବାଧ୍ୟ ହେଉଥିଲେ । ହିନ୍ଦୁ ଧର୍ମାଚାର୍ଯ୍ୟମାନେ ହିନ୍ଦୁ ଧର୍ମରୁ ବାହାରିଯିବାର ତ ବହୁ ରାସ୍ତା ଖୋଲି ଦେଇଥିଲେ; କିନ୍ତୁ ହିନ୍ଦୁ ଧର୍ମକୁ ଆସିବା ପାଇଁ କୌଣସି ରାସ୍ତା ରଖି ନ ଥିଲେ । ଫଳତଃ ହିନ୍ଦୁ ସଂଖ୍ୟା ନିରନ୍ତର ନ୍ୟୂନ ହୋଇଚାଲିଥିଲା । ଚତୁର୍ଦ୍ଦିଗରେ କେବଳ ନିରାଶା ଓ ହତାଶା ବ୍ୟାପି ରହିଥିଲା । ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ନିରାଶା ଅନ୍ଧକାରର ବୁକୁ ଚିରି ଆଶାର ଉଜ୍ଜ୍ୱଳ ଜ୍ୟୋତିଷ୍କ ସ୍ୱରୂପ ଆବିର୍ଭୂତ ହେଲେ ମହର୍ଷି ଦୟାନନ୍ଦ ସରସ୍ୱତୀ ।

## ଜନ୍ମ ଓ ବାଲ୍ୟକାଳ

ମହର୍ଷି ଦୟାନନ୍ଦ ସରସ୍ୱତୀ ଗୁଜରାଟର ମୌରବୀ ଅଞ୍ଚଳ ଅନ୍ତର୍ଗତ ଟଂକାରା ଗ୍ରାମରେ ଫାଲ୍‌ଗୁନ କୃଷ୍ଣ ଦଶମୀ, ବିକ୍ରମାବ୍ଦ ୧୮୮୧ (୧୨ ଫେବୃଆରୀ ୧୮୨୫ ଖ୍ରୀଷ୍ଟାବ୍ଦ)ରେ ଶନିବାର ଦିନ ଔଦୀଚ୍ୟ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା କର୍ଷଣ ତିୱାରୀ ଏବଂ ମାତାଙ୍କ ନାମ ଅମୃତ ବେନ ବା ଅମ୍ବୁବା । ମୂଳା ନକ୍ଷତ୍ରରେ ଜନ୍ମ ହୋଇଥିବାରୁ ଓ ପରିବାର ଶୈବ ମତର ଅନୁଗାମୀ ଥିବା ଯୋଗୁଁ ପିତା-ମାତା ତାଙ୍କ ନାମକରଣ କଲେ 'ମୂଳଶଙ୍କର' । ଶ୍ରଦ୍ଧାରେ ଜ୍ଞାତି-କୁଟୁମ୍ବର ଲୋକେ ତାଙ୍କୁ ଦୟାରାମ ବା ଦୟାଲଜୀ ବୋଲି ମଧ୍ୟ ଡାକୁଥିଲେ । ସେ ମାତା-ପିତାଙ୍କ ଜ୍ୟେଷ୍ଠ ସନ୍ତାନ ଥିଲେ । ତାଙ୍କର ଦୁଇ ଭଉଣୀ ଓ ଦୁଇ ଭାଇ ଥିଲେ ।

କର୍ଷଣ ତିୱାରୀ ସମୃଦ୍ଧିଶାଳୀ, ବୈଭବସମ୍ପନ୍ନ ବ୍ୟକ୍ତି ଥିଲେ । ତାଙ୍କର ଜମିଦାରୀ ଥିଲା । ସେ ମହାଜନି ମଧ୍ୟ କରୁଥିଲେ । ତା' ସାଙ୍ଗକୁ ପ୍ରଶାସନ ପକ୍ଷରୁ ଭୂ-ରାଜସ୍ୱ ଅଧିକାରୀ(ତହସିଲଦାର) ଥିଲେ । ପ୍ରଶାସନ ପକ୍ଷରୁ ତାଙ୍କୁ କିଛି ସିପାହି ମଧ୍ୟ ଯୋଗାଇ ଦିଆଯାଇଥିଲା ।

ଯେଉଁ ବଂଶରେ ମୂଳଶଙ୍କର ଜନ୍ମଗ୍ରହଣ କରିଥିଲେ ସେ ବଂଶ ବିଦ୍ୟାନୁରାଗୀ ଓ ଧର୍ମାନୁରାଗୀ ଥିଲା । ପାଞ୍ଚ ବର୍ଷ ବୟସରେ ମୂଳଶଙ୍କରଙ୍କ ବିଦ୍ୟାରମ୍ଭ ହେଲା । ତାଙ୍କୁ ଦେବନାଗରୀ ଅକ୍ଷର ଶିଖାଗଲା, କୌଳିକ ରୀତିରେ ଶିକ୍ଷା

ଦିଆଗଲା । ମାତା-ପିତା ପ୍ରମୁଖ ତାଙ୍କୁ ଧର୍ମଶାସ୍ତ୍ର ଆଦିର ବହୁ ଶ୍ଳୋକ ଓ ସ୍ତୋତ୍ର ମୁଖସ୍ଥ କରାଇଲେ । ଆଠ ବର୍ଷ ବୟସରେ ତାଙ୍କର ଉପନୟନ ସଂସ୍କାର ସମ୍ପନ୍ନ ହେଲା, ତାଙ୍କୁ ସନ୍ଧ୍ୟୋପାସନା ଓ ଗାୟତ୍ରୀ ଜପ ଆଦି ଶିକ୍ଷା ଦିଆଗଲା । କର୍ଷଣଜୀ କଠୋରପନ୍ଥୀ ଶିବଭକ୍ତ ଥିଲେ । ସିଏ ପୁତ୍ରକୁ ମଧ୍ୟ ଶୈବମତର ଦୃଢ଼ ଅନୁଗାମୀ କରିବାକୁ ଚାହୁଁଥିଲେ । ଏଣୁ ମୂଳଶଙ୍କରଙ୍କୁ ପ୍ରଥମେ ଯଜୁର୍ବେଦ ସଂହିତାର ସେହି ଅଂଶ ସେ ପଢ଼ାଇଲେ ଯାହାକି ରୁଦ୍ରାଧ୍ୟାୟ ନାମରେ ପ୍ରସିଦ୍ଧ । କାରଣ ଶୈବ ସମ୍ପ୍ରଦାୟର ଆସ୍ଥା-ବିଶ୍ୱାସ ଯେ ଏଥିରେ କୈଳାସବାସୀ ଶଙ୍କରଙ୍କ ବିଷୟ ବର୍ଣ୍ଣିତ । କୁଳ-ପରମ୍ପରା ହେତୁ ମାଟିର ଶିବଲିଙ୍ଗ ତିଆରି କରି ତା'ର ପୂଜାର୍ଚ୍ଚନା କରିବା ପାଇଁ ଓ ବ୍ରତ-ଉପବାସ ଆଦି ପାଳନ କରିବାକୁ ପିତା ବାରମ୍ବାର ପୁତ୍ରକୁ ତାଗିଦ୍ କରୁଥିଲେ । କିନ୍ତୁ ମାତାଙ୍କ ହୃଦୟ ବାତ୍ସଲ୍ୟ ରସରେ ଆପ୍ଲାବିତ ଥିଲା । ପିତାଙ୍କ କଠୋର ଧାର୍ମିକ ଅନୁଶାସନ ତଥା ବ୍ରତ-ଉପବାସ ଜନିତ ଶାରୀରିକ କ୍ଳେଶରୁ ସନ୍ତାନକୁ ରକ୍ଷା କରିବା ପାଇଁ ସନ୍ତାନବତ୍ସଳା ଜନନୀ ଆଗେଇ ଆସୁଥିଲେ । 'ପିଲାଲୋକ, ଅଳ୍ପ ବୟସ, ଭୋକ ସମ୍ଭାଳି ପାରୁନି, ସକାଳୁ ଖାଇଦେଉଛି, ପୂଜା-ପାଠର ଏତେ କଷ୍ଟ ଏବେ ସହିପାରିବନି, ବଡ଼ ହେଲେ କରିବ' ଇତ୍ୟାଦି କେତେ କ'ଣ କହି ତାଙ୍କୁ ଏଥିରୁ ରକ୍ଷା କରୁଥିଲେ । ଏଭଳି ଅବସ୍ଥାରେ ଏକ ମଧ୍ୟମ ମାର୍ଗ ଧରି କିଛି-କିଛି ପୂଜାପାଠ କରି ମୂଳଶଙ୍କର ଚାଲିଥିଲେ । ପିତା ତାଙ୍କୁ କିଛିକିଛି ବ୍ୟାକରଣ ଶିକ୍ଷା ଦେଲେ ଓ ବେଦମନ୍ତ୍ର ବି ପଢ଼ାଇଲେ । ଆଖ-ପାଖରେ ଯେଉଁ-ଯେଉଁ ସ୍ଥାନରେ ଶିବପୁରାଣ ଆଲୋଚନା ହେଉଥିଲା ପିତା ତାଙ୍କୁ ନିଜ ସାଙ୍ଗରେ ସେଠାକୁ ନେଇଯାଉଥିଲେ ଏବଂ ବୁଝାଉଥିଲେ ଯେ ଶିବ-ଉପାସନା ହିଁ ସର୍ବଶ୍ରେଷ୍ଠ । ମୂଳଶଙ୍କର ବାଲ୍ୟକାଳରୁ କୁଶାଗ୍ରବୁଦ୍ଧି ଓ ପ୍ରଖର ମେଧା ସମ୍ପନ୍ନ ଥିଲେ । ଏହି ଅପ୍ରତିହତ ସ୍ମୃତିଶକ୍ତି ହିଁ ପରବର୍ତ୍ତୀ କାଳରେ ଶାସ୍ତ୍ରାର୍ଥ ସମରରେ ବହୁ ଦିଗ୍‌ଗଜ ପଣ୍ଡିତଙ୍କ ଉପରେ ଏକାକୀ ବିଜୟ ପ୍ରାପ୍ତ କରିବାରେ ଓ ସ୍ୱଳ୍ପ ସମୟରେ କାଳଜୟୀ ଗ୍ରନ୍ଥ ରଚନାରେ ତାଙ୍କୁ ସହାୟତା ଯୋଗାଇଥିଲା । ଚଉଦ ବର୍ଷ ବୟସ ଆରମ୍ଭ ହେବା ବେଳକୁ ସେ ସମ୍ପୂର୍ଣ୍ଣ ଯଜୁର୍ବେଦ ସଂହିତା ଓ ଅନ୍ୟ ବେଦରୁ କେତେକାଂଶ କଣ୍ଠସ୍ଥ କରିସାରିଥିଲେ, ଶବ୍ଦରୂପାବଳୀ ଆଦି ବ୍ୟାକରଣର ଛୋଟ-ଛୋଟ ପୁସ୍ତକ ବି ପଢ଼ିସାରିଥିଲେ ।

## ମୂର୍ତ୍ତିପୂଜା ପ୍ରତି ଅନାସ୍ଥା

ମହାପୁରୁଷମାନଙ୍କ ଜୀବନକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ ଯେଉଁ ଘଟଣାକୁ ସାମାନ୍ୟ ଭାବି ସାଧାରଣ ଲୋକେ ଅଣଦେଖା କରିଥାନ୍ତି ସେଭଳି ଘଟଣାରୁ ସେମାନଙ୍କ ଜୀବନରେ ଅସାଧାରଣ ପରିବର୍ତ୍ତନ ଆସିଥାଏ । ମୂଳଶଙ୍କରଙ୍କୁ ତେର ବର୍ଷ ପୂର୍ଣ୍ଣ ହୋଇ ଚଉଦ ବର୍ଷ ଚାଲିଥିବା ବେଳେ (ବିକ୍ରମାବ୍ଦ ୧୮୯୪ରେ) ଯେଉଁ ଘଟଣା ଘଟିଲା ତାହା ତାଙ୍କ ବିଶ୍ୱାସକୁ ତ ଦୋହଲାଇଦେଲା, ତା' ସହ ତାଙ୍କ ଜୀବନକୁ ଏକ ନିର୍ଣ୍ଣାୟକ ମୋଡ଼ ଦେଲା । ତାହା ହେଲା ଶିବରାତ୍ରିର ସେ ପ୍ରସିଦ୍ଧ 'ଶିବଙ୍କ ମୁଣ୍ଡରେ ମୂଷା' ଘଟଣା ।

ଉପବାସ ସାଙ୍ଗକୁ ରାତ୍ରି-ଉଜାଗର ରହି ଶିବରାତ୍ରି ବ୍ରତ କରିବା ପାଇଁ ପୁତ୍ରକୁ ପିତା କହିଲେ । କିନ୍ତୁ ପୁତ୍ର ରାଜି ହେଲେ ନାହିଁ । ତେଣୁ ପିତା ତାଙ୍କୁ ଶିବମାହାତ୍ମ୍ୟ ଶୁଣାଇଲେ । ଉପବାସ ଓ ଉଜାଗର ଦ୍ୱାରା ଶିବଦର୍ଶନ ଆଦି କାଳ୍ପନିକ ଲାଭର ପ୍ରଲୋଭନ ଦେଖାଇଲେ । ତାଙ୍କ ପ୍ରଯତ୍ନରେ ସେ ସଫଳକାମ ହେଲେ । ପିତାଙ୍କ ଏସବୁ ଶୁଣି କିଶୋର ମନରେ କୌତୁହଳ ସୃଷ୍ଟି ହେଲା । ତେଣୁ ସେ ବ୍ରତ କରିବାକୁ ପ୍ରସ୍ତୁତ ହୋଇଗଲେ । ଭୋକରେ ରହି ସେ ବ୍ରତ ପାଳନ କରିପାରିବ ନାହିଁ ବୋଲି କହି ମାଆ ବହୁତ ବୁଝାଇବାକୁ ଚେଷ୍ଟା କଲେ; କିନ୍ତୁ ନିଜ ଜିଦ୍‌ରେ ଅଟଳ କର୍ଷଣଜୀ କାହାରି କଥା ଶୁଣିବାକୁ ପ୍ରସ୍ତୁତ ନ ଥିଲେ । ସୁତରାଂ ବ୍ରତର ମାହାତ୍ମ୍ୟକୁ ଧ୍ୟାନରେ ରଖି

ମୂଳଶଙ୍କର ପିତୃ ଆଦେଶ ପାଳନ କରି ଅତି ଶ୍ରଦ୍ଧା ଓ ବିଶ୍ୱାସ ସହକାରେ ବ୍ରତ ରଖିଲେ ।

ଚତୁର୍ଦ୍ଦଶୀ ସନ୍ଧ୍ୟାରେ ଗ୍ରାମର ଶୈବମତାବଲମ୍ବୀ ପ୍ରମୁଖ ବ୍ୟକ୍ତିମାନେ ନିଜ-ନିଜ ସନ୍ତାନଙ୍କୁ ସାଥିରେ ନେଇ ଜାଗର ପାଳିବା ପାଇଁ ଶିବମନ୍ଦିରକୁ ଗଲେ । ମୂଳଶଙ୍କର ମଧ୍ୟ ଆଗ୍ରହ-ଉତ୍ସୁକତା ସହକାରେ ପିତାଙ୍କ ସହ ମନ୍ଦିରକୁ ଗଲେ । ପ୍ରଥମ ପ୍ରହର ପୂଜା ପରେ ଦ୍ୱିତୀୟ ପ୍ରହର ପୂଜା ବି ସରିଲା । ରାତ୍ରିର ତୃତୀୟ ପ୍ରହର ଆରମ୍ଭ ହେବା ବେଳକୁ ପୂଜାରୀମାନେ ମନ୍ଦିର ବାହାରକୁ ଯାଇ ନିଶ୍ଚିନ୍ତରେ ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନେଲେ । ମୂଳଶଙ୍କର ଚାରିଆଡ଼େ ଆଖିବୁଲେଇ ଦେଖିଲେ ଯେ ଜାଗର ପାଳନ କରି ପୁଣ୍ୟ ଅର୍ଜିବା ପାଇଁ ଆସିଥିବା ସମସ୍ତେ ଯିଏ-ଯୁଆଡ଼େ ଶୋଇ ଘୁଙ୍ଗୁଡ଼ି ମାରିଲେଣି । ଏପରିକି ତାଙ୍କୁ ଶିବରାତ୍ରି ବ୍ରତର ବଡ଼ ମାହାତ୍ମ୍ୟ ଥିବା କଥା ଶୁଣାଇ ବ୍ରତ ପାଳନ ପାଇଁ ବାଧ କରିଥିବା ପିତା ବି ଗାଢ଼ ନିଦରେ ଶୋଇପଡ଼ିଲେଣି । ତାଙ୍କ ଚତୁର୍ଦ୍ଦିଗରେ ସମସ୍ତେ ନିଦ୍ରିତ, କେବଳ ସେ ଏକାକୀ ଜାଗ୍ରତ । ସେ କିନ୍ତୁ ସାରା ରାତି ଉଜାଗର ରହିବାକୁ ସ୍ଥିର କଲେ । ଯେହେତୁ କି ପିତା ତାଙ୍କୁ ପୂର୍ବରୁ ହିଁ ବୁଝାଇ ଦେଇଥିଲେ ଯେ ଯିଏ ସାରା ରାତି ଉଜାଗର ରହି ବିଧିବତ୍ ଶିବ ଆରାଧନା କରେ ତାକୁ ହିଁ ଶିବରାତ୍ରିର ଫଳ ମିଳେ, ଶୋଇପଡ଼ିଲେ ଶିବରାତ୍ରିର ଫଳ ମିଳେ ନାହିଁ । ସେ ଆହୁରି ବି ଶୁଣିଥିଲେ ଯେ ରାତିରେ ଶିବ କୁଆଡ଼େ ଦର୍ଶନ ଦିଅନ୍ତି । ଏଣୁ ସେ ଆଖିରେ ଶୀତଳ ଜଳ ଛିଞ୍ଚି-ଛିଞ୍ଚି ଜାଗ୍ରତ ରହିଲେ । ସେ ଏକ ଲୟରେ ଶିବଲିଙ୍ଗ ଆଡ଼କୁ ଅନାଇ ରହିଥାନ୍ତି । ସେ ଅଦ୍ଭୁତ ଶକ୍ତିସମ୍ପନ୍ନ ଦେବତାଙ୍କର କେତେବେଳେ ଆବିର୍ଭାବ ହେବ ଭାବି ମନ ଉଛନ ହେଉଥାଏ । ଏ ନିସ୍ତବ୍ଧତା ଭିତରେ କିଛି ଖଡ୍-ଖାଡ୍ ଶବ୍ଦ ସେ ଶୁଣିଲେ । କାଳେ ଶିବ ଆସିଗଲେ ଭାବି ସେ ଇତସ୍ତତଃ ଦୃଷ୍ଟି ପକାଇଲେ । ଦେଖିବାକୁ ପାଇଲେ ଯେ ଶିବ ତ ଆସିନାହାନ୍ତି; କିନ୍ତୁ ମନ୍ଦିର ଶୁନ୍‌ଶାନ ହୋଇଯିବାର ସୁଯୋଗ ଦେଖି ମୂଷାମାନେ ଗାତରୁ ବାହାରି ଆସି ଶିବଲିଙ୍ଗ ଉପରେ ଚଢ଼ି ଓ ଆଖପାଖରେ ଦୌଡ଼ାଦୌଡ଼ି କରି ଶିବଙ୍କୁ ଅର୍ପଣ କରାଯାଇଥିବା ନୈବେଦ୍ୟ ଆଦି ଖାଇବାକୁ ଲାଗିଛନ୍ତି । ଏସବୁ ଦେଖି ତାଙ୍କ କିଶୋର ମନରେ ପ୍ରଶ୍ନର ଝଡ଼ ଉଠିଲା ଯେ ଯେଉଁ ଶିବଙ୍କ କଥା ସେ ଶିବପୁରାଣ ଆଲୋଚନାରେ ଶୁଣିଥିଲେ ଇଏ କ'ଣ ସେହି ଶିବ ? କାରଣ ସେ ଶିବ ତ ମଣିଷ ଭଳି ଜଣେ ଦେବତା । ସିଏ ବୃଷଭ ଆରୋହଣ କରନ୍ତି, ଚଲା-ବୁଲା କରନ୍ତି, ଖାଆନ୍ତି-ପିଅନ୍ତି, ହସ୍ତରେ ତ୍ରିଶୂଳ ଧାରଣ କରନ୍ତି, ଡମ୍ବରୁ ବଜାନ୍ତି, ବର ଓ ଅଭିଶାପ ଦିଅନ୍ତି ତଥା କୈଳାସର ଅଧିପତି । ତାଙ୍କର ଭୟଙ୍କର ଗଣସବୁ ଅଛନ୍ତି ଓ ସେ ତାଣ୍ଡବ କଲେ ସଂସାର ଥରହର ହୋଇଯାଏ ଇତ୍ୟାଦି । କିନ୍ତୁ ଏଇଠି ତ ସେମିତି ହେଉନାହିଁ ।

ଏ ପ୍ରଶ୍ନ ତାଙ୍କ ମନ-ମସ୍ତିଷ୍କକୁ ଆନ୍ଦୋଳିତ କଲା । ସେ ଆଉ ସ୍ଥିର ହୋଇ ବସିପାରିଲେ ନାହିଁ । ତେଣୁ ବାପାଙ୍କୁ ନିଦରୁ ଉଠାଇ ସିଧା-ସଳଖ ପ୍ରଶ୍ନ କଲେ — "ବାପା ! ତୁମେ ପୁରାଣର ଯେଉଁ ଶିବଙ୍କ କଥା ମୋତେ କହିଥିଲ ଇଏ କ'ଣ ସିଏ ? ନା, ଇଏ ଆଉ ଜଣେ ?"

ତାଙ୍କୁ ନିଦରୁ ଉଠାଇ ଏ ପ୍ରଶ୍ନ ପଚାରିଥିବାରୁ ବାପା ଭୀଷଣ ବିରକ୍ତ ହୋଇ କହିଲେ — "ଚୁପ୍ ହୋଇ ବସୁନୁ କାହିଁକି ? ରାତି ଅଧରେ ଇଆଡ଼ୁ-ସିଆଡ଼ୁ ଏମିତି କାହିଁକି ପଚାରୁଛୁ ?"

ମୂଳଶଙ୍କର ଆଦୌ ଡରିଗଲେନି, ଘାବରେଇଗଲେ ନାହିଁ । ସିଏ ପିତାଙ୍କ ପ୍ରଶ୍ନର ଉତ୍ତର ତୁରନ୍ତ ଦେଲେ — "ତୁମେ ତ କହିଥିଲ ଯେ ଶିବ ପ୍ରବଳ ପରାକ୍ରମୀ, ତାଙ୍କର ରୁଦ୍ର ରୂପ ଦେଖିଲେ ବଡ଼-ବଡ଼ ଦାନବଙ୍କର ମଧ୍ୟ ପିଳେହି ପାଣି ହୋଇଯାଏ, ତ୍ରିଶୂଳ ଓ ପାଶୁପତ ଅସ୍ତ୍ରରେ ପ୍ରବଳ ପରାକ୍ରମୀ ଅସୁରମାନଙ୍କୁ ମଧ୍ୟ ସଂହାର କରିଦିଅନ୍ତି । ତାଙ୍କ ଉପରେ ଏ ସାମାନ୍ୟ

ମୂଷାମାନେ କେମିତି ଚଢ଼ିପାରିବେ ? ଯାଙ୍କ ଉପରେ ତ ମୂଷାମାନେ ନିର୍ଭୟରେ ଚଢ଼ି ନାନାଦି ଉପଦ୍ରବ କରୁଛନ୍ତି । ଇଏ ଏମାନଙ୍କୁ ଘଉଡ଼ାଇ ବି ପାରୁନାହାନ୍ତି । ଇଏ ଆଉ ଭକ୍ତଙ୍କୁ କ'ଣ ରକ୍ଷା କରିବେ ?"

ପୁଅର ଏ ଜିଜ୍ଞାସାରେ ବାପାଙ୍କ ନିଦ ପୂରା ଉଡ଼ିଗଲା । ତାଙ୍କୁ ଲାଗିଲା ସତେ ଯେମିତି ତାଙ୍କ ମୁଣ୍ଡରେ ବଜ୍ରପାତ ହୋଇଗଲା । ଶିବଙ୍କ ପୂଜା-ପାଠ ଆଦି ପ୍ରତି ନିଷ୍ଠା ଓ ବିଶ୍ୱାସ ବଢ଼ାଇବା ଉଦ୍ଦେଶ୍ୟରେ ପୁଅକୁ ବହୁ ପ୍ରକାରେ ବୁଝାଇ-ଶୁଝାଇ, ଧମକାଇ, ବାଧ୍ୟ କରି ବ୍ରତ ରଖାଇ ସାଙ୍ଗରେ ନେଇ ଆସିଥିଲେ । ବର୍ତ୍ତମାନ ତା'ର ସବୁ ଆସ୍ଥା-ବିଶ୍ୱାସ ସମାପ୍ତ ହେବାକୁ ବସିଲାଣି । ସିଏ ତ ଏସବୁର ଯଥାର୍ଥତା ଉପରେ ପ୍ରଶ୍ନ ଉଠାଇଲାଣି । ଅନ୍ଧ-ଭକ୍ତି କାରଣରୁ ପ୍ରାୟତଃ ଲୋକେ ବିଚାରିଥାନ୍ତି କି ଧର୍ମ ହେଉଛି ଆସ୍ଥା-ବିଶ୍ୱାସର ବିଷୟ । ସେଥିରେ କୌଣସି ପ୍ରକାର ତର୍କ କରାଯାଏ ନାହିଁ । ଧର୍ମ ସମ୍ବନ୍ଧୀୟ ବିଷୟରେ ପ୍ରଶ୍ନ ପଚାରିବାକୁ ଲୋକେ ଅଧାର୍ମିକତାର ଲକ୍ଷଣ ବୋଲି ମନେକରିଥାନ୍ତି । ତେଣୁ ପିତାଙ୍କ ଦୃଷ୍ଟିରେ ତ ଏହା ଉଦ୍ଦଣ୍ଡତା, ନାସ୍ତିକତା, ଈଶ୍ୱରଙ୍କ ଅବମାନନା ଥିଲା । କିନ୍ତୁ କ୍ରୋଧ, ବିରକ୍ତି ପ୍ରକାଶ କଲେ କାଳେ ପରିସ୍ଥିତି ପ୍ରତିକୂଳ ହୋଇଯାଇପାରେ ଭାବି ସେ ବଡ଼ ସ୍ନେହରେ ପୁଅକୁ ବୁଝାଇବାକୁ ଆରମ୍ଭ କଲେ — "ଇଏ ପ୍ରକୃତ ଶିବ ନୁହନ୍ତି । ବାସ୍ତବିକ ମହାଦେବ ତ କୈଳାସ ପର୍ବତରେ ରହନ୍ତି । କଳିଯୁଗରେ ତାଙ୍କର ସାକ୍ଷାତ ଦର୍ଶନ ମିଳେ ନାହିଁ । ଲିଙ୍ଗ ତାଙ୍କର ପ୍ରତୀକ । ତେଣୁ ତାଙ୍କ ଲିଙ୍ଗ ତିଆରି କରି ସେଥିରେ ପ୍ରାଣପ୍ରତିଷ୍ଠା କରି ତାକୁ ଶିବ ବୋଲି ଭାବି ପୂଜା କରାଯାଏ । ଏହିଭଳି ପାଷାଣ ଆଦିରେ ଲିଙ୍ଗ ତିଆରି କରି ଏହାକୁ ଶିବ ବୋଲି ଭାବନା କରି ପୂଜା କଲେ କୈଳାସର ମହାଦେବ ପ୍ରସନ୍ନ ହୋଇଯାଆନ୍ତି ।"

ବାପାଙ୍କ କଥା ଶୁଣି ମୂଳଶଙ୍କରଙ୍କ ଜିଜ୍ଞାସା ପୂର୍ଣ୍ଣତଃ ଶାନ୍ତ ହେଲା ନାହିଁ; କିନ୍ତୁ ତାଙ୍କର ଏତିକି ଦୃଢ଼ନିଶ୍ଚୟ ତ ହୋଇଗଲା ଯେ ଏ ପଥର ମୂର୍ତ୍ତି ବାସ୍ତବିକ ମହାଦେବ ନୁହନ୍ତି । 'ଶିବଲିଙ୍ଗରେ ପ୍ରାଣପ୍ରତିଷ୍ଠା କଲେ ଯେ ତାହା ଜୀବନ୍ତ ହୋଇଯାଏ ଓ ସେ ଲିଙ୍ଗକୁ ପୂଜା କଲେ କୈଳାସର ଶିବ ଯେ ସନ୍ତୁଷ୍ଟ ହୋଇଯାଆନ୍ତି' ବାପାଙ୍କର ଏ କଥାରେ ତାଙ୍କର ସଂଶୟ ଜାତ ହେଲା । ବାପା କିଛି ଗୋଳେଇଗାଳେଇ କହିଲା ଭଳି ତାଙ୍କୁ ଲାଗିଲା । ଏଣୁ ସେ ଦୃଢ଼ପ୍ରତିଜ୍ଞା କରିନେଲେ ଯେ ଯେତେବେଳେ ପ୍ରକୃତ ଶିବଙ୍କୁ ଦେଖିବେ ସେତେବେଳେ ଯାଇ ତାଙ୍କ ପୂଜା କରିବେ, ଯେପର୍ଯ୍ୟନ୍ତ ବାସ୍ତବିକ ଶିବଙ୍କୁ ଦେଖିନାହାନ୍ତି ସେ ପର୍ଯ୍ୟନ୍ତ ଏ ମୂର୍ତ୍ତି ଆଦିକୁ ପୂଜା କରିବେ ନାହିଁ । ଶିବଙ୍କ ଦର୍ଶନର ଯେଉଁ ତୀବ୍ର ଉତ୍କଣ୍ଠାରେ ସେ ଉପବାସ ରହି ଉଜାଗର କରୁଥିଲେ ବାପାଙ୍କ କଥାରେ ସେ ଆଶା ମଉଳିଗଲା । ବର୍ତ୍ତମାନ ମନ୍ଦିରରେ ଆଉ କ୍ଷଣେ ମାତ୍ର ରହିବା ତାଙ୍କୁ ନିରର୍ଥକ ପ୍ରତୀତ ହେଲା । ଶିବଦର୍ଶନର ଉତ୍କଣ୍ଠା ସମାପ୍ତ ହୋଇଯିବାରୁ ହଜିଯାଇଥିବା ଭୋକ ପୁଣି ତା' ପ୍ରଭାବ ଦେଖାଇବାକୁ ଆରମ୍ଭ କଲା, ପେଟ ଭୋକରେ କଁ-କଁ ହେବାର ଅନୁଭବ ହେଲା । ଏଣୁ ଘରକୁ ଯିବା ପାଇଁ ସେ ବାପାଙ୍କୁ ଅନୁମତି ମାଗିଲେ । ବାପା ଆଉ ମନା କରିପାରିଲେ ନାହିଁ । ଜଣେ ସିପାହି ସାଥିରେ ଦେଇ ଘରକୁ ପଠାଇଦେଲେ; କିନ୍ତୁ ଘରକୁ ଯାଇ ଭୋଜନ ନ କରିବାକୁ ପୁଅକୁ ବାରମ୍ବାର ତାଗିଦ୍ କଲେ ।

ମୂଳଶଙ୍କର ଘରେ ପହଞ୍ଚୁପହଞ୍ଚୁ ମାଆଙ୍କୁ କହିଲେ — "ମାଆ ! ବଡ଼ ଭୋକ ଲାଗିଲାଣି, ଖାଇବାକୁ ଦିଅ ।" ପୁଅ କ'ଣ ପାଇଁ ଅଧାରାତିରେ ଫେରିଆସିଛି ସେ ଅସଲ କଥା ତ ମାଆଙ୍କୁ ଜଣାନାହିଁ । ତେଣୁ ସେ କହିଲେ — "ପୂର୍ବରୁ ହିଁ ମୁଁ ତୋତେ ମନା କରୁଥିଲି ବ୍ରତ କରିବାକୁ । ମୁଁ ଜାଣିଥିଲି ଯେ ଉପବାସର କଷ୍ଟ ତୁ ସହିପାରିବୁ ନାହିଁ । ବାପାଙ୍କ କଥାରେ ପଡ଼ି ଜିଦ୍ କଲୁ, ଅଯଥା ଅଧାରାତି ପର୍ଯ୍ୟନ୍ତ ଭୋକରେ ଛଟପଟ ହେଲୁ ।" ଏତିକି କହି ମାଆ

ପୁଅକୁ ମିଷ୍ଟାନ୍ନ ଆଦି ଖାଇବାକୁ ଦେଲେ ଓ ପୁଣି କହିଲେ — "ବାପାଙ୍କ କଥା ତ ଭଲ ଭାବେ ଜାଣିଛୁ । ତେଣୁ ୨-୩ ଦିନ ପର୍ଯ୍ୟନ୍ତ ତୁ ଆଉ ତାଙ୍କ ଆଖି ଆଗରେ ପଡ଼ନା । ନଚେତ୍ ଗାଳି ଶୁଣିବୁ, ମାଡ଼ ଖାଇବୁ ।" ଭୋଜନ ଖାଇଦେଇ ସେ ଏମିତି ନିଘୋଡ଼ ନିଦରେ ଶୋଇଗଲେ ଯେ ଉଠୁଉଠୁ ସକାଳ ଆଠଟା । ପିତା ସକାଳେ ଘରକୁ ଫେରି ପୁତ୍ର ରାତିରେ ଖାଇଥିବା ବିଷୟ ଶୁଣି ଅତ୍ୟନ୍ତ କ୍ରୋଧିତ ହେଲେ ଓ ପୁତ୍ରକୁ କହିଲେ — "ଖାଇବାକୁ ମୁଁ ତୋତେ ମନା କରିଥିଲି । କାହିଁକି ଖାଇଲୁ ? ରାତିରେ ଖାଇଦେଇ ବ୍ରତଭଙ୍ଗ କରି ତୁ ଗୁରୁତର ଅପରାଧ କରିଛୁ ।" ମୂଳଶଙ୍କର ମଧ ନିଜ ବିଚାର-ବିଶ୍ୱାସରେ ଅଟଳ । ସେ ବିନମ୍ରତାର ସହ ଉତ୍ତର ଦେଲେ — "ମୁଁ ବିଚାରିଲି କି ଯେହେତୁ ଇଏ ବାସ୍ତବିକ ଶିବ ନୁହଁନ୍ତି, ତେଣୁ ମୁଁ ୟାଙ୍କ ପୂଜା କ'ଣ ପାଇଁ କରିବି ଓ ଅଯଥାରେ ଉପବାସ କାହିଁକି ରହିବି ? ସେଥିପାଇଁ ଖାଇଦେଲି ।" ପିତା ଆଉ କୌଣସି ତର୍କସଂଗତ ଉତ୍ତର ଦେଇପାରିଲେ ନାହିଁ । କେବଳ ମନର ରାଗ ମନରେ ମାରି ରହିଲେ ।

ଭାରତ ଉପରେ ବହୁ ବାର ବୈଦେଶିକ ଆକ୍ରମଣ ହୋଇଛି । ଅନ୍ୟ ମତ-ପନ୍ଥର ଆକ୍ରମଣକାରୀମାନେ ବହୁ ମନ୍ଦିରକୁ ଲୁଣ୍ଠନ, ଧ୍ୱସ୍ତ-ବିଧ୍ୱସ୍ତ କରିଛନ୍ତି, ମନ୍ଦିରରେ ପୂଜା ପାଉଥିବା ବହୁ ମୂର୍ତ୍ତିକୁ ଖଣ୍ଡ-ବିଖଣ୍ଡ କରି ବହୁ ଦୁର୍ଦ୍ଦଶା କରିଦେଇଛନ୍ତି । କୌଣସି ମୂର୍ତ୍ତିର ଶକ୍ତି ଏମାନଙ୍କୁ ପରାସ୍ତ କି କିଞ୍ଚିତ ବି ପ୍ରତିହତ କରିପାରିନି । ସାକ୍ଷାତ ଭଗବାନ କୁହାଯାଉଥିବା କୌଣସି ମୂର୍ତ୍ତି ନିଜେ ନିଜକୁ, ନିଜ ଘର(ମନ୍ଦିର)କୁ କି ନିଜ ଭଣ୍ଡାରକୁ ଏମାନଙ୍କ କବଳରୁ ରକ୍ଷା କରିପାରିନାହିଁ । ବରଂ ଲୋକମାନେ ବହୁ ମୂର୍ତ୍ତିକୁ କୌଣସି ସ୍ଥାନରେ ଲୁଚାଇ, ମାଟିତଳେ ପୋତି ଅଥବା ଅନ୍ୟ ଉପାୟ ଅବଲମ୍ବନ କରି ଏସବୁକୁ ରକ୍ଷା କରିଛନ୍ତି ବୋଲି ଆମେ ପଢ଼ିବାକୁ-ଶୁଣିବାକୁ ପାଉଛେ । ଅଜି ମଧ୍ୟ ଖବରକାଗଜ-ଦୂରଦର୍ଶନ ଇତ୍ୟାଦିରୁ ଆମେ ଜାଣିବାକୁ ପାଉଛେ ଯେ କୋଉ ମନ୍ଦିରରୁ ଠାକୁରଙ୍କ ମୂର୍ତ୍ତି ଚୋରି ହୋଇଯାଇଛି ତ କୋଉଠି ଠାକୁରଙ୍କ ଦାନ ବାକ୍ସ, କେଉଁଠି ଭାରି ପ୍ରତ୍ୟକ୍ଷ କୁହାଯାଉଥିବା ଠାକୁରାଣୀଙ୍କ ଆଖି ତାଡ଼ି ଚୋରମାନେ ନେଇଯାଇଛନ୍ତି ଇତ୍ୟାଦି । ଠାକୁର ଚୋରି ନ ହୋଇଯିବା ପାଇଁ ମନ୍ଦିରରେ ତାଲା, ଦାନ ପେଟି ଟଙ୍କା ଚୋରି ନ ହେବା ପାଇଁ ପେଟିରେ ତାଲା, ଠାକୁରଙ୍କ ଗହଣାଗାଣ୍ଠି ଆଦି ଚୋରି ନ ହେବା ପାଇଁ ଭଣ୍ଡାରଗୃହରେ ତାଲା ଆମେ ଦେଉଛେ, ଅନେକ ସ୍ଥାନରେ ସୁରକ୍ଷାକର୍ମୀ ମୁତୟନ ବି କରାଯାଉଛି । ଅତଏବ ବାସ୍ତବରେ କିଏ କାହାର ରକ୍ଷକ ଏଥିରୁ ସ୍ପଷ୍ଟ ଅନୁମେୟ । ଏତେ ସବୁ ଘଟଣା-ଦୁର୍ଘଟଣା ଦେଖି ସୁଦ୍ଧା ମୂର୍ତ୍ତିକୁ ଈଶ୍ୱର ବୋଲି ବିଚାର କରୁଥିବା ବ୍ୟକ୍ତିମାନଙ୍କର ଆଖି ଖୋଲିବା ଭଳି ଅନୁଭବ ହେଉନାହିଁ । କାଷ୍ଠ-ପାଷାଣ ମୂର୍ତ୍ତି ଜଡ଼, ଈଶ୍ୱର ଚେତନ । କାଷ୍ଠ-ପାଷାଣ ମୂର୍ତ୍ତିରେ ଚେତନର ଜ୍ଞାନ-ପ୍ରଯତ୍ନ ଆଦି ଶାସ୍ତ୍ରବର୍ଣ୍ଣିତ କୌଣସି ଲକ୍ଷଣ ଦେଖାଯାଉନଥିଲେ ସୁଦ୍ଧା ତାହା ନ ବୁଝି ନିଜକୁ ରକ୍ଷା କରିପାରୁନଥିବା ମୂର୍ତ୍ତିକୁ ଅନ୍ୟର ରକ୍ଷା ପାଇଁ ପ୍ରାର୍ଥନା କରୁଛନ୍ତି । ଶିବରାତ୍ରିର ସେହି ସାମାନ୍ୟ ଘଟଣା କିନ୍ତୁ ୧୪ ବର୍ଷର କିଶୋର ମୂଳଶଙ୍କରଙ୍କ ଆଖି ଖୋଲିଦେଲା । ଶିବରାତ୍ରିର ଏହି ଘଟଣାରେ ମୂର୍ତ୍ତିଟି ଯେ ଈଶ୍ୱର ନୁହେଁ; ଶକ୍ତିମାନ୍ ନୁହେଁ, ଶକ୍ତିହୀନ; କାହାରି କିଛି କରିପାରେ ନାହିଁ ବୋଲି ମୂଳଶଙ୍କରଙ୍କୁ ଯେଉଁ ବୋଧ ହେଲା ତାହା ତାଙ୍କ ଜୀବନରେ ଏକ ମୌଳିକ ପରିବର୍ତ୍ତନ ଆଣିଲା ତଥା ପରବର୍ତ୍ତୀ କାଳରେ ଏକ କ୍ରାନ୍ତିକାରୀ ଆନ୍ଦୋଳନର ସୂତ୍ରଧର ସିଦ୍ଧ ହେଲା ।

ଅନେକ ସମୟରେ ମନରେ ଏ ଶଙ୍କା ଉତ୍ପନ୍ନ ହୁଏ ଯେ ଏତେ ଅଳ୍ପ ବୟସରେ ଘଟିଥିବା ଏକ ସାମାନ୍ୟ ଘଟଣା ଏତେ ଅସାମାନ୍ୟ ପରିଣାମ କିପରି ଉତ୍ପନ୍ନ କରିପାରିବ ? ଉତ୍ତର ହେଲା ଯେ କିଶୋର ଅବସ୍ଥାରେ

ମନ ଓଦା ମାଟି ଭଳି ନରମ ଥାଏ । ତା' ଉପରେ ଛୋଟିଆ ଆଘାତ ମଧ୍ୟ ନିଜ ଛାପ ଛାଡ଼ିଦିଏ, ପ୍ରତିକ୍ରିୟା ଉତ୍ପନ୍ନ କରିଦିଏ । ବୟସର ବୃଦ୍ଧି ସହ ମନ ମଧ୍ୟ କଠୋର ହେବାକୁ ଲାଗେ, ନୈସର୍ଗିକ ପ୍ରତିଭା-ସମ୍ବେଦନା ଅନୁଭବର ବୋଝ ତଳେ ଦବିଯାଏ । ଏବଂ ବହୁ ଘଟଣା ଯାହାକି ତା' ପାଇଁ ନୂଆ ହୋଇଥିବାରୁ କିଶୋର ବୟସର କୋମଳ ହୃଦୟରେ ଉତ୍ତେଜନା ଉତ୍ପନ୍ନ କରିଥାଏ, ସେହି-ସେହି ଘଟଣା ବାରମ୍ବାର ଦେଖାଯାଇଥିବାରୁ ପ୍ରୌଢ଼ର ହୃଦୟରେ କୌଣସି ତରଙ୍ଗ ଉତ୍ପନ୍ନ କରିପାରିନଥାଏ । ବହୁ କଥାକୁ ଅନୁଚିତ, ଅଯଥାର୍ଥ ବୋଲି ଭାବୁଥିଲେ ମଧ୍ୟ ଏକ ସାଲିସ କରିବାର ମନୋଭାବ ଧୀରେ ଧୀରେ ଜାତ ହୋଇଯାଇଥାଏ । ଅବଶ୍ୟ ସାମାନ୍ୟ ଘଟଣାର ଅସାମାନ୍ୟ ପରିଣାମ ବାହାରକରିବା ମଧ୍ୟ ସମସ୍ତଙ୍କ ବୁଦ୍ଧି ପକ୍ଷରେ ସମ୍ଭବ ନୁହେଁ । ସାଧାରଣ ବ୍ୟକ୍ତିଙ୍କ ସମ୍ମୁଖରେ ପ୍ରକୃତିର ଖୋଲା ପୁସ୍ତକ ବିଶେଷ ଉପଯୋଗୀ ହୋଇନଥାଏ । ଆଖି ଆଗରେ ଘଟୁଥିବା ଘଟଣାବଳୀକୁ ପଶୁ ବି ଦେଖେ, ଋଷି ବି ଦେଖନ୍ତି । ଉଭୟେ ଦ୍ରଷ୍ଟା; କିନ୍ତୁ ଉଭୟଙ୍କ ଦେଖିବାର ଗଭୀରତାରେ ଆକାଶ-ପାତାଳର ପାର୍ଥକ୍ୟ । ଚର୍ମଚକ୍ଷୁରେ ଦେଖିବା ଓ ଜ୍ଞାନଚକ୍ଷୁରେ ଦେଖିବାର ପରିଣାମ ମଧ୍ୟ ଅଲଗା-ଅଲଗା । ଜନ୍ମ-ଜନ୍ମର ତପସ୍ୟାରେ ସୁସଂସ୍କୃତ ଆତ୍ମାର ଅସାଧାରଣ ପ୍ରତିଭା ପକ୍ଷରେ ଛୋଟ ଘଟଣାରେ ଆଶ୍ଚର୍ଯ୍ୟଜନକ୍ ପରିଣାମ ବାହାରିଥାଏ, ଶରୀରର ଅବସ୍ଥା-ବୟସ ନିର୍ବିଶେଷରେ ।

ବିଚାରର ଏହି ଗଭୀରତା ଓ ଦୃଢ଼ତା ମୂଳଶଙ୍କରଙ୍କ ଚରିତ୍ରର ବିଶେଷତ୍ୱ ଥିଲା । ଏହି ବିଶେଷତ୍ୱ ଯୋଗୁଁ ସେ ଆଜୀବନ ନିଜର ବିଶ୍ୱାସ ଓ ମାନ୍ୟତା ଉପରେ ପର୍ବତ ଭଳି ଅଚଳ ଓ ଅଟଳ ହୋଇ ରହିଲେ । ନିନ୍ଦା-ସ୍ତୁତି, ହାନି-ଲାଭ ଆଦି କୌଣସି ବାହ୍ୟ ପ୍ରଲୋଭନ ତାଙ୍କୁ ତାଙ୍କ ସିଦ୍ଧାନ୍ତରୁ କେବେ ବି ବିଚଳିତ କରିପାରିଲା ନାହିଁ ।

ଏହି ଘଟଣାରେ ମୂର୍ତ୍ତିପୂଜା ଉପରୁ ତ ମୂଳଶଙ୍କରଙ୍କ ବିଶ୍ୱାସ ପୂର୍ଣ୍ଣତଃ ତୁଟିଗଲା । ଏଣେ ଅଧ୍ୟୟନ ଲାଳସା ତୀବ୍ର ହେଉଥିଲା । ସେ ଏହା ମାତା-ପିତାଙ୍କୁ ଜଣାଇଲେ । ତାଙ୍କ ମାଆ, କକା ପ୍ରମୁଖ ମଧ ଅପ୍ରସନ୍ନ ପିତାଙ୍କୁ ବୁଝାଇଲେ ଯେ ବର୍ତ୍ତମାନ ପୂଜା-ପାଠ, ବ୍ରତ-ଉପବାସ କରିବା ପାଇଁ ତା' ଉପରେ ବେଶୀ ଚାପ ନ ପକାଇ ନିଶ୍ଚିନ୍ତ ମନରେ ଏକାଗ୍ରଚିତ୍ତ ହୋଇ ବିଦ୍ୟାଧ୍ୟୟନ ପାଇଁ ତାକୁ ସୁଯୋଗ ଦିଆଯାଉ । ଏକଥାରେ ବାପା ରାଜି ହୋଇଗଲେ । ମୂଳଶଙ୍କର ନିଘଣ୍ଟୁ, ନିରୁକ୍ତ, ପୂର୍ବମୀମାଂସା ଆଦି ଗ୍ରନ୍ଥ ପଢ଼ିବାରେ ମନୋନିବେଶ କଲେ । କର୍ମକାଣ୍ଡ ବିଷୟକ କିଛି ପୁସ୍ତକ ବି ପଢ଼ିଲେ ।

## ବୈରାଗ୍ୟ-ଉଦୟ

ଏହି ସମୟରେ ଏପରି ଦୁଇଟି ଘଟଣା ଘଟିଲା ଯାହାକି ତାଙ୍କୁ ମାନବଜୀବନର କ୍ଷଣଭଙ୍ଗୁରତା, ସଂସାରର ନଶ୍ୱରତା ଓ ମୃତ୍ୟୁର ଶାଶ୍ୱତ ବିଭୀଷିକା ବିଷୟରେ ସଚେତ କରିଦେଲା । ତାଙ୍କୁ ୧୬ ବର୍ଷ ହୋଇଥିବା ବେଳେ ତାଙ୍କର ୧୪ ବର୍ଷୀୟା ସାନ ଭଉଣୀ ଦିନେ ହଠାତ୍ ହଇଜାରେ ଆକ୍ରାନ୍ତ ହେଲା । ବୈଦ୍ୟଙ୍କ ଦ୍ୱାରା ଚିକିତ୍ସା କରାଗଲା; କିନ୍ତୁ ସେ ବଞ୍ଚିପାରିଲା ନାହିଁ । ଚାରି ଘଣ୍ଟା କାଳ ରୋଗ ସହ ସଂଘର୍ଷ କରିବା ପରେ ସିଏ ଅକାଳରେ ମୃତ୍ୟୁର ଗ୍ରାସ ହୋଇଗଲା । ଘରେ କ୍ରନ୍ଦନରୋଳ ଉଠିଲା । କେବଳ ମୂଳଶଙ୍କରଙ୍କ ଆଖିରେ ଟୋପାଏ ଲୁହ ନ ଥିଲା ଯେଉଁଥିପାଇଁ କି ପରିବାରର ସମସ୍ତେ ତାଙ୍କୁ ପାଷାଣ ହୃଦୟ କହି ଧିକ୍କାର କଲେ । ତାଙ୍କ ମନୋଦଶା କେହି ବୁଝିପାରିଲେ ନାହିଁ । ସେ ପ୍ରଥମ ଥର ପାଇଁ କାହାରି ମୃତ୍ୟୁ ଦେଖିଲେ । ତାଙ୍କ ହୃଦୟରେ ଦାରୁଣ ଆଘାତ ଲାଗିଥିଲା । ତାଙ୍କୁ ବହୁତ ଭୟ ବି ଲାଗିଲା । ଗୋଟିଏ କୋଣରେ ନିର୍ବାକ୍ ଭାବେ ଠିଆ ହୋଇ ସିଏ ଗଭୀର ଚିନ୍ତନରେ ମଗ୍ନ ହୋଇଗଲେ । "କ'ଣ ସଂସାରର ସମସ୍ତ ଜୀବଙ୍କୁ ଏଭଳି ମୃତ୍ୟୁମୁଖରେ ପଡ଼ିବାକୁ ହୁଏ ? କ'ଣ

ମୁଁ ମଧ୍ୟ ଦିନେ ଏହିଭଳି ମୃତ୍ୟୁର କବଳରେ ପଡ଼ିବି ? କେହି କ'ଣ ମରଣର କବଳରୁ ଖସିଯାଇପାରିବ ନାହିଁ ? ମୃତ୍ୟୁରୁ ଉଦ୍ଧାର ପାଇବାର କ'ଣ କୌଣସି ଉପାୟ ନାହିଁ ?" - ଏସବୁ ପ୍ରଶ୍ନ ତାଙ୍କ ମନ-ମସ୍ତିଷ୍କକୁ ଦଳି-ମନ୍ଥି ପକାଇଲା । ରାତିରେ ତାଙ୍କୁ ନିଦ ବି ହେଲା ନାହିଁ । ଅତଃ ସେ ଦୃଢ଼ ନିର୍ଣ୍ଣୟ ନେଲେ ଯେ ଏପରି କୌଣସି ଉପାୟ ଅନ୍ୱେଷଣ କରିବାକୁ ହେବ ଯଦ୍ୱାରା ଏ ମୃତ୍ୟୁ ଦୁଃଖରୁ ଉଦ୍ଧାର ହୋଇ ମୁକ୍ତି ମିଳିବ । ଅରଣି-ମନ୍ଥନ ଦ୍ୱାରା ଯେପରି ପ୍ରସୁପ୍ତ ଅଗ୍ନି ପ୍ରକଟ ହୋଇଯାଏ, ସେହିପରି ଏହି ଘଟଣାର ନିରନ୍ତର ମାନସମନ୍ଥନ ଦ୍ୱାରା ମୂଳଶଙ୍କରଙ୍କ ଚେତନାରେ ଚିରକାଳରୁ ପ୍ରସୁପ୍ତ ବୈରାଗ୍ୟ ଜାଗ୍ରତ ହୋଇଗଲା । ଏଣିକି ଅନ୍ୟ ଗୃହକାର୍ଯ୍ୟରେ ତାଙ୍କ ମନ ଆଉ ଲାଗିଲା ନାହିଁ । ଜନ୍ମ-ମରଣ ଚକ୍ରରୁ ଉଦ୍ଧାର ପାଇବାର ଉପାୟର ଗଭୀର ଚିନ୍ତନରେ ତାଙ୍କ ମନ ଦିନ-ରାତି ସଂଲଗ୍ନ ରହିଲା । କିନ୍ତୁ ତାଙ୍କର ଏ ମନୋଭାବ ସେ କାହାରି ଆଗରେ ବ୍ୟକ୍ତ କଲେ ନାହିଁ । ସାମାନ୍ୟ ସ୍ଥିତି ବଜାୟ ରଖି ପଢ଼ାଲେଖାରେ ପୂର୍ବବତ୍ ଲାଗିରହିଲେ ।

ଦୈବଯୋଗକୁ ମୂଳଶଙ୍କରଙ୍କୁ ୧୯ ବର୍ଷ ହୋଇଥିବାବେଳେ ତାଙ୍କୁ ଅତି ସ୍ନେହ କରୁଥିବା ତାଙ୍କ କକାଙ୍କୁ ହଇଜା ହୋଇଗଲା । ଚିକିତ୍ସା କିଛି କାମଦେଲା ନାହିଁ । କକା ବିଦ୍ୱାନ୍ ଓ ବଡ଼ ଧର୍ମାତ୍ମା ସ୍ୱଭାବର ବ୍ୟକ୍ତି ଥିଲେ । ଅନ୍ତିମ ସମୟରେ କକା ତାଙ୍କୁ ପାଖକୁ ଡାକିଲେ । ଆତ୍ମୀୟ-ସ୍ୱଜନଙ୍କୁ ଛାଡ଼ି ଅସମୟରେ ଇହଧାମରୁ ବିଦାୟ ନେବାକୁ ପଡୁଥିବାରୁ ତାଙ୍କ ଆଖିରୁ ଲୁହ ଝରୁଥାଏ । ଭଉଣୀର ମୃତ୍ୟୁ ବେଳକୁ ପଥର ପାଲଟିଯାଇଥିବା ଆଖିରୁ କିନ୍ତୁ କକା ମରିଯିବେ ବୋଲି ଜାଣିବା ମାତ୍ରେ ଗଙ୍ଗା-ଯମୁନାର ସୁଅ ଛୁଟିଲା । ଜୀବନରେ ଏମିତି ସେ କେବେ କାନ୍ଦି ନ ଥିଲେ । କାନ୍ଦି-କାନ୍ଦି ଆଖି ଫୁଲିଗଲା । କକାଙ୍କ ଦେହାନ୍ତ ପରେ ତାଙ୍କ ମନରେ ଏହା ଘର କରିଗଲା ଯେ ଏ ଜୀବନ କ୍ଷଣଭଙ୍ଗୁର, ପାଣିର ବୁଦ୍‌ବୁଦ ଭଳି ଅଚିର, ସନ୍ଧ୍ୟାରାଗ ସମ ଅଳ୍ପକ୍ଷଣସ୍ଥାୟୀ, ପଦ୍ମପତ୍ର ଉପରେ ସ୍ଥିତ ଶଶିର ବିନ୍ଦୁ ପରି ଚଞ୍ଚଳ ହୋଇଥିବାରୁ କେତେବେଳେ ବି କେଉଁ ପ୍ରିୟ ବ୍ୟକ୍ତିର ବିୟୋଗଜନିତ ଅସହ୍ୟ ବେଦନା ଭୋଗ କରିବାକୁ ପଡ଼ିପାରେ । ଅତଃ ସଂସାର ପ୍ରତି ମୂଳଶଙ୍କରଙ୍କ ପୂର୍ଣ୍ଣ ବିତୃଷ୍ଣା ଆସିଗଲା । ଜଣେ ରୋଗୀ, ଜଣେ ଜରାଗ୍ରସ୍ତ ବ୍ୟକ୍ତି ଓ ଗୋଟିଏ ଶବକୁ ଦେଖିବା ଯେଉଁଭଳି ରାଜକୁମାର ସିଦ୍ଧାର୍ଥଙ୍କ ବୈରାଗ୍ୟର କାରଣ ହୋଇଥିଲା, ସେହିଭଳି ଭଉଣୀ ଓ କକାଙ୍କ ମୃତ୍ୟୁର ସର୍ବଗ୍ରାସୀ ଦୃଶ୍ୟ ଦର୍ଶନ ମୂଳଶଙ୍କରଙ୍କ ବୈରାଗ୍ୟର କାରଣ ହେଲା ।

ଭଉଣୀର ମୃତ୍ୟୁ ପରେ ବୈରାଗ୍ୟର ଯେଉଁ ଅଗ୍ନି ଉଦ୍ଦୀପ୍ତ ହୋଇଥିଲା ଏହି ଘଟଣା ସେଥିରେ ଉତ୍କୃଷ୍ଟ ଇନ୍ଧନର କାର୍ଯ୍ୟ କଲା । ବୈରାଗ୍ୟର ଅଗ୍ନି ପ୍ରଚଣ୍ଡ ରୂପେ ଜଳିବାକୁ ଲାଗିଲା । ବର୍ତ୍ତମାନ ସେ ଏ ଅସାର ସଂସାରର ବନ୍ଧନରୁ ମୁକୁଳିବାର ଉପାୟ ଖୋଜିବାକୁ ଲାଗିଲେ । ସେ ଏ କଥା ପରିବାରରେ କାହାରି ଆଗରେ ତ ବ୍ୟକ୍ତ କଲେ ନାହିଁ; କିନ୍ତୁ ନିଜର ବନ୍ଧୁମାନଙ୍କୁ ଏବଂ ବିଦ୍ୱାନ୍ ପଣ୍ଡିତଙ୍କୁ ପଚାରୁଥିଲେ ଯେ 'ଅମର ହେବାର ଉପାୟ କ'ଣ ?' ସବୁଠାରୁ ଉତ୍ତର ମିଳିଲା ଯେ ଯୋଗାଭ୍ୟାସ ହିଁ ଏହାର ଉପାୟ । ଯୋଗାଭ୍ୟାସ ସକାଶେ ଘର ଛାଡ଼ି ଚାଲିଯିବାକୁ ତାଙ୍କର ଇଚ୍ଛା ହେଲା । ତାଙ୍କ ହାବ-ଭାବ, ଚାଲିଚଳଣ ଆଦିରୁ କୌଣସି ପ୍ରକାରେ ତାଙ୍କ ମନୋଭାବ ମାତା-ପିତା ଆଦିଙ୍କୁ ଜ୍ଞାତ ହୋଇଗଲା ।

## ବିବାହ-ବନ୍ଧନର ପ୍ରସ୍ତୁତି

ଅତଃ ସେମାନେ ସତର୍କ ହୋଇଗଲେ । ସିଦ୍ଧାର୍ଥଙ୍କ ବୈରାଗ୍ୟ ଭାବ ଦେଖି ବିବାହ-ବନ୍ଧନରେ ବାନ୍ଧିଦେବା ହିଁ ପୁତ୍ରକୁ ବୈରାଗ୍ୟରୁ ବିମୁଖ କରିବାର ପ୍ରକୃଷ୍ଟ ଉପାୟ ବୋଲି ଶୁଦ୍ଧୋଦନ ଯେପରି ବିଚାରିଥିଲେ ସେହିପରି ମୂଳଶଙ୍କରଙ୍କ ମାତା-ପିତା ମଧ୍ୟ ବିଚାରକଲେ ଯେ ପୁତ୍ରକୁ ଘରେ ରଖିବାକୁ ହେଲେ ତା'ର ବୈରାଗ୍ୟର ବହ୍ନିକୁ

ନିର୍ବାପିତ କରିଦେବା ସକାଶେ ଦାମ୍ପତ୍ୟ-ଅନୁରାଗର ଶୀତଳ ବାରିଧାରା ଠାରୁ ଆଉ ଉତ୍କୃଷ୍ଟ ଉପାୟ ନାହିଁ । ତେଣୁ ତାଙ୍କୁ ବିବାହ-ବନ୍ଧନରେ ବାନ୍ଧିବା ଯୋଜନାରେ ସେମାନେ ଆଉ ବିଳମ୍ବ କଲେ ନାହିଁ । ପୁତ୍ର ପାଇଁ ଯୋଗ୍ୟା ପାତ୍ରୀ ଅନ୍ୱେଷଣ ହୋଇଗଲା । ସେତେବେଳେ ମୂଳଶଙ୍କରଙ୍କୁ କୋଡ଼ିଏ ପୂରି ଏକୋଇଶ ବର୍ଷ ବୟସ । ମୂଳଶଙ୍କରଙ୍କ କାନରେ ଯେତେବେଳେ ଏ ଖବର ପଡ଼ିଲା ଯେ ତାଙ୍କ ମୁକ୍ତିକାମୀ ଆତ୍ମାକୁ ଆଜୀବନ ବନ୍ଧନରେ ପକାଇବା ପାଇଁ ଏକ ସଶକ୍ତ ଶୃଙ୍ଖଳର ପୂର୍ଣ୍ଣ ବ୍ୟବସ୍ଥା ହେଲାଣି ତ ତାଙ୍କ ପାଦତଳୁ ମାଟି ଖସିଗଲା । ସିଏ ବଡ଼ ଧର୍ମସଂକଟରେ ପଡ଼ିଲେ । କାରଣ ସିଏ ଗୃହସ୍ଥ-ବନ୍ଧନରେ ବାନ୍ଧି ହେବାକୁ ଚାହୁଁନଥିଲେ । ଏଣେ ମାତା-ପିତାଙ୍କ ସମ୍ମୁଖରେ ପ୍ରତ୍ୟକ୍ଷ ରୂପେ ଏ ପ୍ରସ୍ତାବକୁ ପୂରା ଖାରଜ କରିବା ଦ୍ୱାରା ଘୋର ଅପ୍ରୀତିକର ପରିସ୍ଥିତି ଉତ୍ପନ୍ନ ହେବାର ସମ୍ଭାବନା ଥିଲା । ଏଣୁ ଇଷ୍ଟ-ମିତ୍ର, ବନ୍ଧୁ-ବାନ୍ଧବଙ୍କ ଦ୍ୱାରା ମାତା-ପିତାଙ୍କୁ ବୁଝା-ଶୁଝା କରି କୌଣସି ମତେ ବର୍ଷେ ପର୍ଯ୍ୟନ୍ତ ଏ ପ୍ରସ୍ତାବକୁ ଟାଳିଦେଲେ । ଇତ୍ୟବସରରେ ସେ ପିତାଙ୍କୁ କହିଲେ — "ମୁଁ କାଶୀ ଯାଇ ବ୍ୟାକରଣ, ଜ୍ୟୋତିଷ ଓ ଆୟୁର୍ବେଦ ଆଦି ପଢ଼ିବାକୁ ଚାହୁଁଛି । ବିଦ୍ୟା ପଢ଼ିସାରି ଶିକ୍ଷିତ ହୋଇ ଫେରିଲେ ବିବାହ କରିବା ଠିକ୍ ହେବ ।" ମାତା-ପିତା ଓ କୁଟୁମ୍ବର ସମସ୍ତେ ଏହାକୁ ଅଗ୍ରାହ୍ୟ କରିଦେଲେ । ସେମାନେ କହିଲେ — "ତୁମକୁ କୁଆଡ଼େ ପଠାଯିବ ନାହିଁ । ଯାହା ପଢ଼ିବା କଥା ଏଇଠି ରହି ପଢ଼ । ଆଗାମୀ ବର୍ଷ ତୁମର ବିବାହ ହେବ, କନ୍ୟାପକ୍ଷ ଆଉ ବିଳମ୍ବ କରିବାକୁ ରାଜି ନୁହନ୍ତି । ତା' ଛଡ଼ା ଆଉ ଅଧିକ ପଢ଼ି-ଲେଖି କ'ଣ କରିବ ? ଯେତିକି ପଢ଼ିଛ, ଆମର କାରବାର ସମ୍ଭାଳିବା ପାଇଁ ସେତିକି ଯଥେଷ୍ଟ ।"

ବର୍ତ୍ତମାନ ସ୍ଥିତିରେ ଘରେ ରହିବା ଆଦୌ ଉଚିତ ନୁହେଁ ବୋଲି ମୂଳଶଙ୍କର ବିଚାରିଲେ । ତେଣୁ ଘରୁ ବାହାରିବାର ଅନ୍ୟ ଏକ ଉପାୟ ସେ ବାହାର କଲେ । ତାଙ୍କ ଜମିଦାରୀ ଭିତରେ ତାଙ୍କ ଗ୍ରାମଠାରୁ ୩ କୋଶ ଦୂରରେ ଥିବା ଅନ୍ୟ ଏକ ଗ୍ରାମରେ ଜଣେ ବଡ଼ ପଣ୍ଡିତ ରହୁଥିଲେ । ମାତା-ପିତାଙ୍କ ଠାରୁ ଅନୁମତି ନେଇ ସେ ସେହି ପଣ୍ଡିତଙ୍କ ପାଖରେ ରହି ପଢ଼ିଲେ । ଏଣେ ବୈରାଗ୍ୟର ବିଚାର ଦୃଢ଼ରୁ ଦୃଢ଼ତର ହେବାକୁ ଲାଗିଥିଲା । ଏଣୁ ସଂସାର ଜଞ୍ଜାଳରେ ନ ପଶିବାର ତାଙ୍କ ବିଚାର ସେ ଆଲୋଚନା ପ୍ରସଙ୍ଗରେ ସେହି ପଣ୍ଡିତ ଓ ଅନ୍ୟ କିଛି ଲୋକଙ୍କ ଆଗରେ ବ୍ୟକ୍ତ କରିଦେଲେ । ଏ ବିଚାର କାନରୁ କାନ ହୋଇ ପରିବାର ଲୋକଙ୍କ ପାଖରେ ଯେମିତି ପହଞ୍ଚିଛି ମାତା-ପିତା ପ୍ରମୁଖ ମୂଳଶଙ୍କରଙ୍କୁ ଘରକୁ ଡକାଇ ଆଣି ଶୀଘ୍ର ବିବାହର ପ୍ରସ୍ତୁତି ଆରମ୍ଭ କରିଦେଲେ । ଘରେ ତେଣେ ବିବାହର ପ୍ରସ୍ତୁତି ଧୂମ୍‌ଧାମ୍‌ରେ ଚାଲିଥାଏ, ଏଣେ ମୂଳଶଙ୍କରଙ୍କ ଭିତରେ ବୈଚାରିକ ଝଞ୍ଜାବାତ ଉଠିଥାଏ । ଘରେ ବିବାହ-ବନ୍ଧନରେ ବାନ୍ଧିବାର ପ୍ରସ୍ତୁତି ତ ତାଙ୍କ ଭିତରେ ଜନ୍ମ-ମୃତ୍ୟୁର ଚକ୍ରକୁ ଛିନ୍ନ-ଭିନ୍ନ କରି ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ ପୂର୍ବକ ମୃତ୍ୟୁଞ୍ଜୟୀ ହେବାର ଅଦମ୍ୟ ଅଭିଳାଷ ।

## ଗୃହତ୍ୟାଗ

ସେ ଦେଖିଲେ ଯେ ବର୍ତ୍ତମାନ ପରିବାର ଲୋକେ ବିବାହ ନ କରାଇ ଛାଡ଼ିବେ ନାହିଁ । ଯୋଗସାଧନା ଦ୍ୱାରା ମୃତ୍ୟୁ ଉପରେ ବିଜୟ ପାଇଁ ତାଙ୍କ ମନ ଉଦ୍‌ବିଗ୍ନ ହେଉଥାଏ । ସେତେବେଳେ ତାଙ୍କୁ ଏକୋଇଶ ବର୍ଷ ବୟସ ପୂର୍ଣ୍ଣ ହୋଇସାରିଥାଏ । ବିକ୍ରମାବ୍ଦ ୧୯୦୩ (ଖ୍ରୀଷ୍ଟାବ୍ଦ ୧୮୪୬)ରେ ଦିନେ ସନ୍ଧ୍ୟାରେ ସେ ବିବାହୋତ୍ସବରେ ସୁଶୋଭିତ ଧନ-ଧାନ୍ୟପୂର୍ଣ୍ଣ ଘର, ମାତା-ପିତା-ଆତ୍ମୀୟ-ସ୍ୱଜନଙ୍କ ସ୍ନେହ-ମମତା ଓ ଶୈଶବ-କୈଶୋରର ସକଳ ଲୀଳାଖେଳାର ସାକ୍ଷୀ ଗାଆଁକୁ ସବୁଦିନ ପାଇଁ ପରିତ୍ୟାଗ କରି ଅମରତ୍ୱର ଅନ୍ୱେଷଣରେ ବାହାରିଗଲେ ।

❖❖❖

ବେଦସୁଧା :

# ମଣିଷ ହୁଅ ଓ ଦିବ୍ୟ ମାନବ ସୃଜନ କର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ତନ୍ତୁଂ ତନ୍ୱନ୍ ରଜସୋ ଭାନୁମନ୍ୱିହି ଜ୍ୟୋତିଷ୍ମତଃ ପଥୋ ରକ୍ଷ ଧିୟା କୃତାନ୍ ।**
**ଅନୁଲ୍ବଣଂ ବୟତ ଜୋଗୁବାମପୋ ମନୁର୍ଭବ ଜନୟା ଦୈବ୍ୟଂ ଜନମ୍ ॥**

(ଋକ୍. ୧୦:୫୩:୬)

**ଅନ୍ୱୟ —** ତନ୍ତୁଂ ତନ୍ୱନ୍ ରଜସଃ ଭାନୁମ୍ ଅନୁ-ଇହି । ଧିୟା କୃତାନ୍ ଜ୍ୟୋତିଷ୍ମତଃ ପଥଃ ରକ୍ଷ । ଜୋଗୁବାମ୍ ଅପଃ ଅନୁଲ୍ବଣଂ ବୟତ (ବୟ) । ମନୁଃ ଭବ । ଦୈବ୍ୟମ୍ ଜନମ୍ ଜନୟ ।

**ଅର୍ଥ —** ହେ ମନୁଷ୍ୟ ! **(ତନ୍ତୁମ୍)** ଜୀବନର ତନା-ବୁଣା (ତନ୍ତର ଲମ୍ବା ଓ ଆଡ଼ ସୂତା)କୁ **(ତନ୍ୱନ୍)** ବୁଣି-ବୁଣି **(ରଜସଃ)** ସଂସାରର **(ଭାନୁମ୍)** ପ୍ରକାଶକ ସୂର୍ଯ୍ୟକୁ **(ଅନୁ ଇହି)** ଅନୁସରଣ କର । **(ଧିୟା)** ବୁଦ୍ଧି ଦ୍ୱାରା **(କୃତାନ୍)** ନିର୍ମିତ **(ଜ୍ୟୋତିଷ୍ମତଃ)** ପ୍ରକାଶମାନ୍ **(ପଥଃ)** ମାର୍ଗକୁ **(ରକ୍ଷ)** ରକ୍ଷା କର । **(ଜୋଗୁବାମ୍)** ନିରନ୍ତର ଭାବେ ଜ୍ଞାନ, କର୍ମ, ଭକ୍ତିର ଅନୁଷ୍ଠାନ କରୁଥିବା ଲୋକଙ୍କ **(ଅନୁଲ୍ବଣମ୍)** ଅକୁଟିଳ, ଅଡୁଆରହିତ **(ଅପଃ)** କର୍ମକୁ **(ବୟତ)** ବୟନ, ବିସ୍ତାର କର, ଆଗକୁ ବଢ଼ାଅ । **(ମନୁଃ ଭବ)** ମଣିଷ ହୁଅ ଏବଂ **(ଦୈବ୍ୟମ୍)** ଦିବ୍ୟ ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ, ଦିବ୍ୟ ପ୍ରଭୁଙ୍କ ଉପାସକ **(ଜନମ୍)** ସନ୍ତାନ, ଜନତା, ସମାଜ **(ଜନୟ)** ଉତ୍ପନ୍ନ, ସୃଜନ କର ।

**ବ୍ୟାଖ୍ୟା —** ସଂସାରକୁ ସର୍ବଦା ଯାହାର ଆବଶ୍ୟକତା ରହିଆସିଛି ଏବଂ ସଦା ରହିବ ତଥା ବର୍ତ୍ତମାନ ସମୟରେ ମଧ ଯାହାର ଅତ୍ୟନ୍ତ ଆବଶ୍ୟକତା ଅଛି, ସେ ବିଷୟକ ଉପଦେଶ ଏହି ମନ୍ତ୍ରରେ ଦିଆଯାଇଛି । ସଂସାରର ଶ୍ରେଷ୍ଠରୁ ଶ୍ରେଷ୍ଠ ଶିକ୍ଷା ମଧ୍ୟରୁ ପ୍ରଥମ ସ୍ଥାନୀୟ ଶିକ୍ଷା ହେଲା ବେଦର ଭାଷାରେ — **'ମନୁର୍ଭବ'**— 'ମଣିଷ ହୁଅ' ଏବଂ ଶ୍ରେଷ୍ଠ କର୍ତ୍ତବ୍ୟ ହେଲା— 'ମଣିଷକୁ ଦିବ୍ୟ କର' । ଯଦି ମଣିଷ ଦିବ୍ୟ ହୋଇଯିବ, ତେବେ ସଂସାରର ବାତାବରଣ, ପରିବେଶ ସବୁ କିଛି ଦିବ୍ୟ ହୋଇଯିବ ।

ଥରେ ଜଣେ ବ୍ୟକ୍ତି କୌଣସି କାର୍ଯ୍ୟରେ ବ୍ୟସ୍ତ ଥାଆନ୍ତି । ତାଙ୍କ ପତ୍ନୀ ମଧ୍ୟ ଗୃହକର୍ମରେ ବ୍ୟସ୍ତ ଥାଆନ୍ତି । ତାଙ୍କର ୭-୮ ବର୍ଷର ଛୁଆଟିଏ ଥାଏ । ମାଆ-ବାପା ନିଜ-ନିଜ କାମରେ ବ୍ୟସ୍ତ ଥିବାରୁ ଛୁଆଟି ଏକୁଟିଆ, ତା' ସହ ଖେଳିବା ପାଇଁ ଘରେ ଆଉ କେହି ନ ଥାନ୍ତି । ଏଣୁ ସେ ବାରମ୍ବାର ବାପା-ମାଆଙ୍କ ପାଖକୁ ଯାଇ ସେମାନଙ୍କ କାମରେ ବ୍ୟାଘାତ ସୃଷ୍ଟି କରୁଥାଏ । ଉଭୟେ ତାଗିଦ୍ କରୁଥାନ୍ତି ଚୁପ୍ ହୋଇ ବସିବା ପାଇଁ । ଛୁଆଟି କିଛି ସମୟ ଚୁପ୍ ହୋଇ ବସୁଥାଏ, ତା' ପରେ ପୁଣି ତା' କାମ ଆରମ୍ଭ କରିଦେଉଥାଏ । ଏଣୁ ସେ ବ୍ୟକ୍ତି ବିଚାରିଲେ ଯେ ଛୁଆକୁ କୌଣସି କାମରେ ଲଗାଇଦେଲେ ଯାଇ ଶାନ୍ତିରେ ନିଜ କାମ କରିହେବ । କ'ଣ କାମରେ ଲଗାଇବେ ଭାବି ଚାରିଆଡ଼େ ନଜର ପକାଇଲେ । କାନ୍ଥରେ ବିଶ୍ୱର ଏକ ପୁରୁଣା ମାନଚିତ୍ର ଝୁଲୁଥାଏ । ତାହା ଟିକିଏ-ଟିକିଏ ଫାଟି ବି ଯାଇଥାଏ । ଏହାକୁ ବାହାର କରିଦେଇ ନୂଆ ମାନଚିତ୍ରଟିଏ ଲଗାଇବେ ବୋଲି ସେ ବ୍ୟକ୍ତି ଅନେକ ଥର ଭାବିଥାନ୍ତି; କିନ୍ତୁ ବଦଳାଇ ନ ଥାନ୍ତି । ବର୍ତ୍ତମାନ ତାଙ୍କ ମୁଣ୍ଡକୁ ଏକ ବିଚାର ଢୁକିଲା । ସିଏ ଛୁଆକୁ କହିଲେ, 'ତୁମେ କେତେ ବୁଦ୍ଧିମାନ୍ ତାହା ପରୀକ୍ଷା କରିବା । ମୁଁ ଏହି ମାନଚିତ୍ରକୁ ଚିରି ଖଣ୍ଡ-ଖଣ୍ଡ କରିଦେଉଛି । ତୁମେ ତାକୁ ଯଦି ଠିକ୍

ରୂପେ ଯୋଡ଼ି ସଜାଇ ଦେଇପାରିବ, ତେବେ ଜଣାଯିବ ଯେ ତୁମେ ବୁଦ୍ଧିମାନ୍ ଏବଂ ତୁମକୁ ଅମୁକ ବଢ଼ିଆ ଜିନିଷ ଦିଆଯିବ ।'

ସେ ବ୍ୟକ୍ତି ସେଇ ମାନଚିତ୍ରକୁ ଚିରି ଖଣ୍ଡ-ଖଣ୍ଡ କରି ଛୁଆକୁ ଦେଇଦେଲେ । ଛୁଆକୁ ବି କାମ ମିଳିଗଲା । ସିଏ ମନ ଲଗାଇ ତା' କାମରେ ଲାଗିଗଲା । କିନ୍ତୁ ପୂରା ଯୋଡ଼ି ଠିକ୍ ଭାବେ ସଜାଇ ପାରୁନଥାଏ । ଏ ସମୟରେ ଦଲକାଏ ପବନ ଆସି ଯାହା ବି ସେ ସଜାଡ଼ି ଥିଲା ତାକୁ ଉଡ଼ାଇ ଚାରିଆଡ଼େ ଖେଳାଇ ଦେଲା । ପିଲାଟି କ'ଣ କରିବ ଭାବି ଖେଳାଇ ହୋଇଯାଇଥିବା ସେ ଖଣ୍ଡଗୁଡ଼ିକ ଆଡ଼କୁ ଦେଖିଲା ବେଳକୁ ଦେଖିବାକୁ ପାଇଲା ଯେ କେଉଁ ଖଣ୍ଡରେ ମଣିଷର ଆଖି, କେଉଁ ଖଣ୍ଡରେ ନାକରୁ ଟିକିଏ, ଆଉ କେଉଁ ଖଣ୍ଡରେ ଆଙ୍ଗୁଠିରୁ କିଛି, କେଉଁଟିରେ କାନ ଇତ୍ୟାଦିର ଚିତ୍ର ଅଛି । ସିଏ ବର୍ତ୍ତମାନ କୌତୁହଳୀ ହୋଇ ପ୍ରତ୍ୟେକ ଖଣ୍ଡକୁ ଓଲଟାଇ ଦେଖିବାକୁ ଲାଗିଲା । ସିଏ ଦେଖିବାକୁ ପାଇଲା ଯେ ପ୍ରତ୍ୟେକ ଖଣ୍ଡରେ ଗୋଟିଏ ପଟେ ମାନଚିତ୍ରର ଅଂଶ ଥିବା ବେଳେ ତା' ପଛ ପଟେ ମଣିଷର ଶରୀରର କିଛି ଅଂଶର ଚିତ୍ର ଅଛି । ସିଏ ବର୍ତ୍ତମାନ ବିଶ୍ୱକୁ ଯୋଡ଼ିବା କାମ ଛାଡ଼ିଦେଇ ମଣିଷର ଚିତ୍ରକୁ ସଜାଡ଼ିବାକୁ ଲାଗିଲା । ଠିକ୍ ରୂପେ ପୂରାପୂରି ଯୋଡ଼ି ସାରି ବାପାଙ୍କୁ କହିଲା, ବାପା ! ଦେଖ ମୁଁ ପୂରା ଯୋଡ଼ିଦେଲି ।'

ବାପା ଦେଖିଲେ । ଆଶ୍ଚର୍ଯ୍ୟ ହେଲେ ଯେ ଇଏ କ'ଣ ଖଣ୍ଡଗୁଡ଼ିକୁ ଯୋଡ଼ି ମାନଚିତ୍ର ତିଆରି କରିବା ବଦଳରେ ମଣିଷ ତିଆରି କଲାଣି ! ସେ ବ୍ୟକ୍ତି ବର୍ତ୍ତମାନ ସଜଡ଼ା ଯାଇଥିବା ସେ ମଣିଷ ଚିତ୍ରର ଖଣ୍ଡଗୁଡ଼ିକୁ ଓଲଟାଇ ସଜାଡ଼ିଲେ ତ ଦେଖିଲେ ଯେ ବିଶ୍ୱର ମାନଚିତ୍ର ମଧ୍ୟ ସଜାଡ଼ି ହୋଇଯାଇଛି । ଅତଃ ଏ ଦୃଷ୍ଟାନ୍ତର ନିଷ୍କର୍ଷ ହେଲା ଯେ ମଣିଷକୁ ତିଆରି କରିଦେଲେ ସାରା ସଂସାର ସୁନ୍ଦର ଭାବେ ତିଆରି ହୋଇଯିବ ।

ତେବେ ବର୍ତ୍ତମାନ ପ୍ରଶ୍ନ ହେଲା ଯେ ଆମେ ମଣିଷ କିପରି ହେବା ? ଏବଂ ମଣିଷକୁ କିପରି ଦିବ୍ୟ କରାଯିବ ?

ଋଗ୍‌ବେଦର ଉପରୋକ୍ତ ମନ୍ତ୍ରରେ ଏହି ସମସ୍ୟାର ବଡ଼ ସୁନ୍ଦର ସମାଧାନ ବି ଦିଆଯାଇଛି । ମନ୍ତ୍ରକୁ ବିଶଦ ରୂପେ ବୁଝିବା ପାଇଁ ଏହାକୁ ୪ ଖଣ୍ଡରେ ବିଭାଜନ କରିଦେବା । ଏ ୪ ଖଣ୍ଡ ୪ଟି ମହତ୍ତ୍ୱପୂର୍ଣ୍ଣ କଥା, ଜୀବନ ନିର୍ମାଣ ଓ ସଂସାର ନିର୍ମାଣ ନିମନ୍ତେ ୪ ଶିକ୍ଷା, ୪ ଆଦେଶ ପ୍ରସ୍ତୁତ କରୁଛନ୍ତି—

**୧. ତନ୍ତୁଂ ତନ୍ୱନ୍ ରଜସଃ ଭାନୁମ୍ ଅନୁ-ଇହି—** ଜୀବନର ତନ୍ତୁଗୁଡ଼ିକୁ ବୁଣିବୁଣି ସୂର୍ଯ୍ୟକୁ, ପ୍ରକାଶକୁ ଅନୁସରଣ କର । ଅର୍ଥାତ୍ ସଂସାରର ତନା-ବୁଣାକୁ ତ ବିସ୍ତାର କର, ବୁଣ; କିନ୍ତୁ ପ୍ରକାଶର, ସୂର୍ଯ୍ୟର, ପ୍ରକାଶର ସୂତ୍ରର ଅନୁସରଣ ପୂର୍ବକ ।

**୨. ଧିୟା କୃତାନ୍ ଜ୍ୟୋତିଷ୍ମତଃ ପଥଃ ରକ୍ଷ—** ବୁଦ୍ଧି-ବିବେକ ଦ୍ୱାରା ନିଶ୍ଚିତ, ନିର୍ଦ୍ଧାରିତ, ନିର୍ମିତ ଜ୍ୟୋତିଷ୍ମାନ୍ ମାର୍ଗକୁ ରକ୍ଷା କର ।

**୩. ଜୋଗୁବାମ୍ ଅନୁଲ୍ୱଣମ୍ ଅପଃ ବୟତ —** ଜ୍ଞାନ-କର୍ମର ପ୍ରକାଶକ, ଭକ୍ତ-ଉପାସକଙ୍କ ଅନୁଲ୍ୱଣ ଅର୍ଥାତ୍ (ନ ଉଲ୍ୱଣ) ଅକୁଟିଳ, ଅଡୁଆ ରହିତ, ଜଟିଳତାରହିତ, ଋଜୁ, ସ୍ୱଚ୍ଛ କାର୍ଯ୍ୟର ବିସ୍ତାର କର ।

**୪. ମନୁଃ ଭବ ଜନୟା ଦୈବ୍ୟଂ ଜନମ୍ —** ନିଜେ ମଣିଷ, ମନନଶୀଳ ହୁଅ ଏବଂ ସଂସାରରେ ଦିବ୍ୟ ଜନ ନିର୍ମାଣ କର । ଜନ୍ମ ଦେଇ ହେଉ କି ଶିକ୍ଷା-ଦୀକ୍ଷା ଦ୍ୱାରା ହେଉ ଦୈବ୍ୟଜନ ନିର୍ମାଣ କର ।

ଏହି ମନ୍ତ୍ରରେ ସାଧନ-ସାଧ୍ୟ ରୂପେ ଏ ୪ଟି କଥା କୁହାଯାଇଛି । ମନ୍ତ୍ରର ଚତୁର୍ଥ ଖଣ୍ଡରେ ସାଧ୍ୟ ବା ଉଦ୍ଦେଶ୍ୟର ବର୍ଣ୍ଣନା ଅଛି । ଆମ ଜୀବନ କେଉଁଥି ପାଇଁ ଅଛି ? ଏହାର ଉଦ୍ଦେଶ୍ୟ କ'ଣ ? ମଣିଷ ଜୀବନର ଉଦ୍ଦେଶ୍ୟ ବିଷୟରେ ଏଠାରେ କୁହାଯାଇଛି— 'ନିଜେ ମଣିଷ ହୁଅ ଏବଂ ସନ୍ତାନଙ୍କୁ, ସମାଜକୁ ଦିବ୍ୟ କର ।' ନିଜେ ମଣିଷ ହେବା

ଓ ସଂସାରକୁ ଦିବ୍ୟ କରିବା ପାଇଁ କ'ଣ ସାଧନ ଆବଶ୍ୟକ, କ'ଣ କ'ଣ କରିବାକୁ ହେବ - ଏହାକୁ ପୂର୍ବର ୩ ଖଣ୍ଡରେ କୁହାଯାଇଛି । ଏସବୁ ଲୋଟ୍ ଲକାରରେ ଅଛି । ଅତଃ ଆଦେଶାତ୍ମକ ଅଟେ, ପରାମର୍ଶ ନୁହେଁ । ଏଣୁ ଏହାକୁ କରିବାକୁ ହିଁ ହେବ ।

**୧. ତନ୍ତୁଂ ତନ୍ୱନ୍ ରଜସଃ ଭାନୁମ୍ ଅନୁ ଇହି —** ଜୀବନକୁ ସରସ-ସୁନ୍ଦର ରୂପେ ନିର୍ମାଣ କରିବା ପାଇଁ କେଉଁ ଭଳି କର୍ମ କରିବା ଉଚିତ ତାହା ଏହି ମନ୍ତ୍ରାଂଶରେ ଦର୍ଶାଯାଇଛି । ବେଦରେ ଜୀବନକୁ ଏକ ବସ୍ତ୍ର ଏବଂ ମଣିଷକୁ ତା'ର ତନ୍ତୁବାୟ ବା ତନ୍ତୀ ବୋଲି କୁହାଯାଇଛି । ତନ୍ତୀ ବସ୍ତ୍ର ବୁଣେ ତ ବହୁତ ସୂତାକୁ ପ୍ରଥମେ ତନା (ଲମ୍ବ ଭାବେ) ବିସ୍ତାର କରି ତା' ପରେ ବୁଣା (ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ସୂତା) ବ୍ୟବସ୍ଥିତ ରୂପେ ନିଏ । ଏହାକୁ କହନ୍ତି ବୁଣିବା । ତନ୍ତୁବାୟ ଯେପରି ସୂତା ବୁଣିବୁଣି ବସ୍ତ୍ର ତିଆରି କରିଥାଏ, ସେହିଭଳି ମନୁଷ୍ୟ ସଂସ୍କାର ଓ ପ୍ରବୃତ୍ତି ସମୂହକୁ ବୁଣି, ଯୋଡ଼ି ଜୀବନ-ନିର୍ମାଣ କରିଥାଏ । ଅତ୍ୟନ୍ତ ସୂକ୍ଷ୍ମ ମଖମଲ ବସ୍ତ୍ରକୁ କିଛି ସମୟ ଗମ୍ଭୀରତା ପୂର୍ବକ ନିରୀକ୍ଷଣ କଲେ ଦେଖିପାରିବା ଯେ କେତେ ସୂକ୍ଷ୍ମ, କେତେ ସଂଖ୍ୟକ ସୂତାକୁ ତନ୍ତୀ କିପରି ଚତୁରତା ପୂର୍ବକ ବୁଣିଛି ଯେ ସେସବୁ ସୂତା ଭିନ୍ନ-ଭିନ୍ନ ହୋଇଥିବା ସତ୍ତ୍ୱେ ଏପରି ମିଶିଯାଇଛନ୍ତି କି ସେମାନଙ୍କୁ ଅଲଗା-ଅଲଗା ଭାବେ ଦେଖିପାରିବା କଠିନ ହେଉଛି । ଆମେ ସୂକ୍ଷ୍ମ ମଖମଲ ବସ୍ତ୍ରକୁ ଯେପରି ନିରୀକ୍ଷଣ କଲେ, ନିଜର କୌଣସି ବି କର୍ମକୁ ସେପରି ନିରୀକ୍ଷଣ କରିବା । ଆମେ ଖାଦ୍ୟ ଖାଉଛେ । ଏହି 'ଖାଦ୍ୟ ଖାଇବା' ଆମ ଜୀବନ ରୂପକ ବସ୍ତ୍ରର ଏକ ଖଣ୍ଡ । ଏଥିରେ ପ୍ରବୃତ୍ତି ଓ ସଂସ୍କାରର ସୂତା ଓତଃପ୍ରୋତ ହୋଇ ରହିଛି । ଆମେ ଯେତେ ବିଶ୍ଳେଷଣ କରିବା ଏସବୁ ପ୍ରବୃତ୍ତିର ତନାବୁଣା ଉପରେ, ଆମକୁ ସେତେ ଆଶ୍ଚର୍ଯ୍ୟ ଲାଗିବ । ଆମେ ସ୍ୱୟଂ ଏସବୁ ପ୍ରବୃତ୍ତି ଓ ସଂସ୍କାରର ନିମିତ୍ତ । ତଥାପି ଆମେ ସେସବୁକୁ ବୁଝିପାରୁନାହେଁ । ଯଦି ଆମେ ସେସବୁକୁ ବୁଝିଯିବା ତେବେ ଆମେ ଏକ କୁଶଳ ତନ୍ତୀ ଭଳି ନିଜକୁ କୃତକାର୍ଯ୍ୟ କରିପାରିବା ।

ମଣିଷ ଯାହା ବି କର୍ମ କରେ ତା'ର ସୂକ୍ଷ୍ମ ପ୍ରଭାବ ତା'ର ମନ ଉପରେ ଅଙ୍କିତ ହୁଏ । ଏ ସୂକ୍ଷ୍ମ ପ୍ରଭାବକୁ ସଂସ୍କାର କୁହାଯାଏ । ଯେଉଁଭଳି ସଂସ୍କାର ଥାଏ ସେଥିରୁ ପୁନଃ ସେଭଳି ଇଚ୍ଛା ଜାଗ୍ରତ ହୁଏ । ତାକୁ ପ୍ରବୃତ୍ତି କହନ୍ତି । ଏସବୁ ସଂସ୍କାର ଓ ପ୍ରବୃତ୍ତିର ବଶୀଭୂତ ହୋଇ ମଣିଷ ପୁଣି କର୍ମ କରେ । ମଣିଷ ଜୀବନରେ ଏ ଚକ୍ର ଏହିଭଳି ଚାଲିଥାଏ । ମଣିଷର ଯେପରି ସଂସ୍କାର ଓ ଯେପରି ପ୍ରବୃତ୍ତି ହେବ, ସେପରି ହିଁ ତା' ଜୀବନ-ବସ୍ତ୍ର ତିଆରି ହେବ । ଯଦି ମଣିଷ ଉତ୍ତମ ସଂସ୍କାର ଓ ଉତ୍ତମ ପ୍ରବୃତ୍ତିସମୂହକୁ ନେଇ ତଦନୁଯାୟୀ କର୍ମ କରିଚାଲିବ ତେବେ ଜୀବନରୂପୀ ବସ୍ତ୍ର ଉତ୍ତମ ତିଆରି ହେବ । ଆଉ ଯଦି ଖରାପ ପ୍ରବୃତ୍ତି ଓ ଖରାପ ସଂସ୍କାରଗୁଡ଼ିକୁ ନେଇ ତଦନୁଯାୟୀ କର୍ମ କରିଚାଲିବ ତେବେ ଜୀବନରୂପୀ ବସ୍ତ୍ର ଖରାପ ହେବ । ବର୍ତ୍ତମାନ ଏହା ବ୍ୟକ୍ତି ଉପରେ ନିର୍ଭର କରେ ଯେ ସିଏ ସତ୍‌ପ୍ରବୃତ୍ତିସମୂହ ସଂଗ୍ରହ କରିବ ନା ଦୁଷ୍ପ୍ରବୃତ୍ତିଗୁଡ଼ିକୁ । ବେଦର ଉପଦେଶ ସତ୍‌ପ୍ରବୃତ୍ତି ସଂଗ୍ରହ ଆଡ଼କୁ, ଯଦ୍ଦ୍ୱାରା କି ମଣିଷ-ଜୀବନର ନିର୍ମାଣ ସୁନ୍ଦର ରୂପେ ହୋଇପାରିବ ।

କିନ୍ତୁ ଏ ସତ୍‌ପ୍ରବୃତ୍ତି ସଂଗ୍ରହ ଓ ଦୁଷ୍ପ୍ରବୃତ୍ତି ତ୍ୟାଗ ପାଇଁ କ'ଣ କରିବାକୁ ହେବ ? ଏଥିପାଇଁ ବେଦମନ୍ତ୍ରରେ ମଣିଷକୁ ଆଦେଶ ଦିଆଯାଇଛି କି ତୁମେ ଜୀବନର ତନା-ବୁଣା ବୁଣିବୁଣି ସଂସାରର ପ୍ରକାଶକ ସୂର୍ଯ୍ୟକୁ ଆଦର୍ଶ ମାନି ତା'ର ଅନୁସରଣ କର ଅର୍ଥାତ୍ ସୂର୍ଯ୍ୟର ଗୁଣ ଧାରଣ କର । ମଣିଷ ସଂସାରର ପ୍ରତ୍ୟେକ ପଦାର୍ଥରୁ ଆବଶ୍ୟକ, ଉପଯୋଗୀ ଶିକ୍ଷା ଗ୍ରହଣ କରିବା ଉଚିତ । ଜଗତର ପ୍ରତ୍ୟେକ ପଦାର୍ଥର କାର୍ଯ୍ୟ ଦୁଇଟି ପ୍ରୟୋଜନରେ ଥାଏ—୧. ସେହି ପଦାର୍ଥର ନିଜସ୍ୱ ସ୍ଥିତି ନିମନ୍ତେ, ୨. ବିଚାରଶୀଳ ବ୍ୟକ୍ତିଙ୍କ ପାଇଁ ଦୃଷ୍ଟାନ୍ତ ହେବା ସକାଶେ । ଏଥିପାଇଁ ବେଦମନ୍ତ୍ରରେ ସ୍ଥାନେ-ସ୍ଥାନେ ସଂସାରର ବିବିଧ ପଦାର୍ଥର ଉପମା ଦିଆଯାଇଛି । ସୂର୍ଯ୍ୟ ଆଲୋକର ଉତ୍ସ ଓ ସୂର୍ଯ୍ୟ ଉଦୟ ହୋଇ ସଂସାରକୁ ଆଲୋକ ଦିଏ ଏବଂ ଧୀରେ-ଧୀରେ

ଉପରକୁ ଉଠେ । ଆଲୋକ ଦ୍ୱାରା ଅନ୍ୟକୁ ପ୍ରକାଶିତ କରିବା ସୂର୍ଯ୍ୟର ପ୍ରଥମ ଶିକ୍ଷା । ଅତଃ ମନୁଷ୍ୟ ଉପରକୁ ଉଠିବାର ଏ ଉପଦେଶ ସୂର୍ଯ୍ୟଠାରୁ ଗ୍ରହଣ କରି ଉପରକୁ ଉଠିବାକୁ ପ୍ରଯତ୍ନ କରିବା ଉଚିତ । ଆକାଶ ତ ଅନନ୍ତ । ସେଥିରେ କୌଣସି ବାଧା-ପ୍ରତିବନ୍ଧକ ନାହିଁ । ମଣିଷର ଉନ୍ନତିର କ୍ଷେତ୍ର ମଧ୍ୟ ଅନନ୍ତ । ମଣିଷକୁ ଉପରକୁ ଉଠିବାର ପ୍ରେରଣା ଦେଇ ବେଦରେ ଅନ୍ୟତ୍ର କୁହାଯାଇଛି—

**ଉଦ୍ୟାନଂ ତେ ପୁରୁଷ ନାବୟାନମ୍ ।**

(ଅଥର୍ବ. ୮:୧:୬)

ହେ ମଣିଷ ! ତୁମର ଊର୍ଦ୍ଧ୍ୱଗତି ହେଉ, ଅଧୋଗତି ନୁହେଁ । ଅତଃ ମଣିଷର ଅନ୍ତରାତ୍ମାରେ ସଦା ଏପରି ଉତ୍କଣ୍ଠା, ଆକାଂକ୍ଷା ରହିବା ଆବଶ୍ୟକ କି ମୁଁ ଉପରକୁ-ଉପରକୁ ଉଠିବି, କେହି ମୋତେ ତଳେ ପକାଇ ନ ପାରୁ ।

ସୂର୍ଯ୍ୟର ଊର୍ଦ୍ଧ୍ୱଗତିର କେତେକ ପ୍ରୟୋଜନ ରହିଛି । ସୂର୍ଯ୍ୟ ଯେତେବେଳେ ଉପରକୁ ଉଠେ ତ ମନେହୁଏ ସତେ ଯେପରି ଆକାଶର ଉଚ୍ଚ ସ୍ଥାନରୁ ସେ ଦେଖେ ଯେ କେଉଁଠି ଅନ୍ଧାର ତ ରହିଯାଇନାହିଁ । ଯେଉଁ ବ୍ୟକ୍ତି ସୂର୍ଯ୍ୟ ଭଳି ଉପରକୁ ଉଠିବାକୁ ଚାହେଁ ସିଏ ନିଜକୁ ଏ ପ୍ରଶ୍ନ ପଚାରିବା ଉଚିତ ଯେ ମୁଁ ନିଜେ ଜ୍ଞାନାଲୋକରେ କେତେ ପ୍ରକାଶିତ ଏବଂ ମୋ ଦ୍ୱାରା ସଂସାରର କେତେ ଅନ୍ଧକାର ଦୂର ହେଲା ? ବ୍ୟକ୍ତି ଜ୍ଞାନାଲୋକ ଦ୍ୱାରା ନିଜେ ପ୍ରକାଶିତ ହେବା ସହ ଅନ୍ୟକୁ ପ୍ରକାଶିତ କରିବା ଉଚିତ । ଯେଉଁ ବ୍ୟକ୍ତି ପଥ-ପ୍ରଦର୍ଶନ, ସତ୍‌ପ୍ରେରଣା, ଜ୍ଞାନ-ପ୍ରଦାନ ଦ୍ୱାରା ଅନ୍ୟମାନଙ୍କ ଅନ୍ତରକୁ ଆଲୋକିତ କରେ ସିଏ ହିଁ ପ୍ରକୃତରେ ମନୁଷ୍ୟ । ସୂର୍ଯ୍ୟ ଶକ୍ତିର ଭଣ୍ଡାର । ସୂର୍ଯ୍ୟକିରଣ ଯେଉଁ ପଦାର୍ଥ ଉପରେ ପଡ଼େ ସେଥିରେ ସ୍ଫୂର୍ତ୍ତି ଉତ୍ପନ୍ନ କରିଦିଏ । ଯେଉଁ ବ୍ୟକ୍ତି ଅନ୍ୟମାନଙ୍କୁ ଶକ୍ତି ପ୍ରଦାନ କରେ, ସିଏ ମାନବ ପଦବାଚ୍ୟ । ଯିଏ ଅନ୍ୟକୁ ସଶକ୍ତ କରେ ନାହିଁ ତା'ର ଶକ୍ତିର ବିଶେଷ ଲାଭ ନାହିଁ । ସୂର୍ଯ୍ୟ ସମୟ-ପାଳକତାର ସୂଚକ । ଆମେ ମଧ୍ୟ ସମୟ-ରୂପୀ ଅମୂଲ୍ୟ ଧନ ନଷ୍ଟ ନ କରିବା ଉଚିତ । ସୂର୍ଯ୍ୟର ନିଶ୍ଚିତ ସମୟରେ ଉଦୟ ହେବା ଓ ନିଶ୍ଚିତ ସମୟରେ ଅସ୍ତ ହେବା ଆମ ଜୀବନକୁ ନିୟମିତ ଓ ମର୍ଯ୍ୟାଦିତ କରିବାର ପ୍ରେରଣା ଦିଏ । ସୂର୍ଯ୍ୟ ନିୟମବଦ୍ଧତାର ପରିଚାୟକ । ନିୟନ୍ତାଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମରେ ବନ୍ଧା ହୋଇ ସିଏ ଚାଲୁଅଛି ଓ ଆମକୁ ମଧ୍ୟ ନିୟମବଦ୍ଧତାର ଉପଦେଶ ଦିଏ । ସୂର୍ଯ୍ୟର ତୀକ୍ଷ୍ଣ କିରଣ ସଂସାରର ରୋଗବର୍ଦ୍ଧକ କୃମି ନାଶ କରେ । ଆମେ ମଧ୍ୟ ଜୀବନରୁ ମନ୍ଦଗୁଣଗୁଡ଼ିକୁ ନାଶ କରିବା, କୁପ୍ରବୃତ୍ତି ବିରୁଦ୍ଧରେ ଦୃଢ଼ ଭାବେ ସଂଘର୍ଷ କରିବା । ଅତଃ ସୂର୍ଯ୍ୟକୁ ଅନୁସରଣ କରିବାର ଅର୍ଥ ସୂର୍ଯ୍ୟଠାରୁ ଏଭଳି ଜୀବନୋପଯୋଗୀ ଶିକ୍ଷାସମୂହ ଗ୍ରହଣ କରି ଜୀବନରେ ତା'ର ଦୃଢ଼ତାପୂର୍ବକ ଆଚରଣ-ଅନୁଷ୍ଠାନ ଦ୍ୱାରା ମଣିଷଜୀବନକୁ ସରସ-ସୁନ୍ଦର କରିବା ।

ବେଦର ଏହି ମନ୍ତ୍ରାଂଶରେ ମଣିଷ ହେବା ପାଇଁ ସୂର୍ଯ୍ୟର, ପ୍ରକାଶର ଅନୁସରଣ କରିବାକୁ କାହିଁକି କୁହାଗଲା ? ତା'ର ଏକ କାରଣ ହେଲା ଯେ ମଣିଷକୁ ଜୀବନ-ବସ୍ତ୍ରର ତନାବୁଣା ତ କରିବାକୁ ହେବ; କିନ୍ତୁ ତାହାର ସମସ୍ତ କର୍ମ ଜ୍ଞାନମୂଳକ ହେବା ଆବଶ୍ୟକ । ଅଜ୍ଞାନ, ଅନ୍ଧକାର ମୃତ୍ୟୁର, ଦୁଃଖର ପ୍ରତିନିଧି । ଅନ୍ଧକାରରେ କିଛି ଦେଖାଯାଏ, ଜଣାଯାଏ ନାହିଁ; ସବୁ କ୍ରିୟା, ସବୁ ଚେଷ୍ଟା ଅବରୁଦ୍ଧ, ଭୁଲ୍‌ଭାଲ୍ ହୋଇଯାଏ । ଉପରକୁ ଉଠିବା, ଆଗକୁ ବଢ଼ିବା ପାଇଁ ପ୍ରକାଶର ଅନୁସରଣ ଆବଶ୍ୟକ । ଅନ୍ଧକାର ସହ ପେଚାର ତ ପ୍ରୀତି ହୋଇପାରେ; କିନ୍ତୁ ମଣିଷ ପକ୍ଷେ ଏହା ଶୁଭଙ୍କର ନୁହେଁ । ମଣିଷ ହେବା ପାଇଁ ଜୀବନରୁ ଅନ୍ଧକାର ଦୂର କରିବାକୁ ହେବ । ତେଣୁ ତ ଆମେ ପ୍ରାର୍ଥନା କରୁ — **'ତମସୋ ମା ଜ୍ୟୋତିର୍ଗମୟ'** (ଶତପଥ. ୧୪:୩:୧:୩୦) — ହେ ପ୍ରଭୋ ! ଅନ୍ଧକାରରୁ ଉଦ୍ଧାର କରି ମୋତେ ଆଲୋକ ପ୍ରାପ୍ତ କରାନ୍ତୁ ।

ସଂସାରରେ ତନାବୁଣା(କର୍ମ) ତ ନିଶ୍ଚିତ । ପକ୍ଷୀ ମଧ୍ୟ ଆହାର ଅନ୍ୱେଷଣରେ ବାହାରେ, ନିଜ ଶାବକଙ୍କ ପାଇଁ ଚଞ୍ଚୁରେ ଖାଦ୍ୟ ଧରି ଆସେ । ଏ ପକ୍ଷୀମାନେ ମଧ୍ୟ ବସା ତିଆରି କରନ୍ତି । ପକ୍ଷୀମାନଙ୍କ ବସା ନିର୍ମାଣ କଳା

ମଣିଷକୁ ବି ଆଶ୍ଚର୍ଯ୍ୟ-ଚକିତ କରିଦିଏ । ମହୁମାଛି ଫୁଲରୁ ମହୁ ସଂଗ୍ରହ କରିବା ପ୍ରକ୍ରିୟା ସାଧାରଣ ମଣିଷର ବୁଦ୍ଧିର ବାହାରେ । ହଜାର-ହଜାର ଗାଈ ମଧ୍ୟରେ ବାଛୁରି ନିଜ ମାଆକୁ ଚିହ୍ନିପାରେ ଏବଂ ଗାଈ ମଧ୍ୟ ନିଜ ବାଛୁରିକୁ ଚିହ୍ନିଯାଏ । ଶୀତ ଋତୁରେ ସାଇବେରିଆ, ଚୀନ୍, ଜାପାନ ତଥା ଉତ୍ତର ଗୋଲାର୍ଦ୍ଧର ଅନ୍ୟ ଅନେକ ଦେଶରୁ ଲକ୍ଷ-ଲକ୍ଷ ପକ୍ଷୀ ଲକ୍ଷ-ଲକ୍ଷ କିଲୋମିଟର ଦୀର୍ଘ ପଥ ଅତିକ୍ରମ କରି ଚିଲିକାକୁ ଆସନ୍ତି ଓ ଶୀତ ସରିଆସିବା ବେଳକୁ ବାଟ ନ ହୁଡ଼ି ପୁଣି ନିଜ ସ୍ଥାନକୁ ଚାଲିଯାନ୍ତି । ତିଆରି ହୋଇଥିବା ପକ୍କା ରାସ୍ତାରେ ଯିବା ବେଳେ ବି ଆମେ ବାଟବଣା ହୋଇଯାଉଛେ । କିନ୍ତୁ ଆକାଶରେ ତ ଏଭଳି କୌଣସି ନିର୍ମିତ ରାସ୍ତା ନାହିଁ । ତଥାପି ପକ୍ଷୀମାନେ ନିର୍ଭୁଲ ଭାବେ ଆସିବା ଓ ପୁଣି ବାଟ ନ ଭୁଲି ଫେରିବା ବିଚିତ୍ର ଲାଗେ । ପଶୁ-ପକ୍ଷୀଙ୍କ ଏଭଳି ବହୁ ତନାବୁଣା(କର୍ମ) ମଣିଷକୁ ବିସ୍ମୟାଭିଭୂତ କରିଦିଏ ।

କିନ୍ତୁ ମଣିଷର କର୍ମ ଏକ ଦୃଷ୍ଟିରୁ ପଶୁମାନଙ୍କଠାରୁ ଅଲଗା ପ୍ରକାରର । ଯେଉଁ ପଶୁ-ପକ୍ଷୀ ଯାହା ବି କରନ୍ତି ସେ ବିଷୟକ ଜ୍ଞାନ ସେମାନଙ୍କୁ ମୁଖ୍ୟତଃ ନୈସର୍ଗିକ ରୂପେ, ଜନ୍ମ ସମୟରୁ ହିଁ ମିଳିଛି । କିନ୍ତୁ ମଣିଷକୁ ସବୁ ବିଦ୍ୟା ସ୍ୱାଭାବିକ ରୂପେ ମିଳିନାହିଁ । ତେଣୁ ତାକୁ ଜ୍ଞାନର ପ୍ରକାଶ ଅନ୍ୟଠାରୁ ନେବାକୁ ପଡ଼ିଥାଏ, ବିଦ୍ୟା ଶିଖିବାକୁ ପଡ଼ିଥାଏ ।

ପ୍ରକାଶକୁ ଅନୁସରଣ କରିବା ପାଇଁ କ'ଣ ଦରକାର ? ପ୍ରକାଶ ପଛରେ ଚାଲିବା ସେତେବେଳେ ସମ୍ଭବ ଯେତେବେଳେ ପ୍ରକାଶ ସ୍ଥିର ହେବ । ଯଦି ପ୍ରକାଶ ବିଜୁଳି ଭଳି ଚଞ୍ଚଳ ହେବ, ତେବେ ତାକୁ ଅନୁସରଣ କିପରି କରାଯାଇପାରିବ ? ତେଣୁ ଅନୁସରଣ ନିମନ୍ତେ ପ୍ରକାଶର ମାର୍ଗକୁ ରକ୍ଷା କରିବାକୁ ହେବ । ଏହି କଥା ଦ୍ୱିତୀୟ ଖଣ୍ଡରେ କୁହାଯାଇଛି—

**୨. ଧିୟା କୃତାନ୍ ଜ୍ୟୋତିଷ୍ମତଃ ପଥଃ ରକ୍ଷ—** ପଥ, ରାସ୍ତା ତ ପାଦରେ ଚାଲୁଚାଲୁ ତିଆରି ହୋଇଯାଏ । ଲୋକଙ୍କ ଯିବା-ଆସିବା ପାଦଚିହ୍ନ ପଡ଼ିପଡ଼ି ରାସ୍ତା ତିଆରି ହୋଇଯାଏ । ଗାଈ-ମଇଁଷି, ଛେଳି-ମେଣ୍ଢା ଯିବା-ଆସିବା କରିବା ଦ୍ୱାରା ସେମାନଙ୍କ ପାଦଚିହ୍ନରେ ମଧ୍ୟ ରାସ୍ତା ତିଆରି ହୋଇଯାଏ । କିନ୍ତୁ ଏସବୁ ପାଦଚଲା ରାସ୍ତା ବିଷୟରେ ଏଠାରେ ଆଲୋଚନା ହେଉ ନାହିଁ । ଏଠାରେ ରାସ୍ତା ଅର୍ଥାତ୍ ପଦ୍ଧତି ବିଷୟରେ ଚର୍ଚ୍ଚା କରାଯାଉଛି, କାରଣ ପଦ୍ଧତି ମଧ୍ୟ ପଦ୍+ହତି - ପାଦର ଆଘାତରେ ହିଁ ହୋଇଥାଏ ।

ଏଠାରେ 'ପଥ'ର ୨ଟି ବିଶେଷଣ ମଧ୍ୟ ଦିଆଯାଇଛି— 'ଜ୍ୟୋତିଷ୍ମତଃ' ଓ 'ଧିୟା କୃତାନ୍' । 'ଧିୟା କୃତାନ୍' ଅର୍ଥାତ୍ ବୁଦ୍ଧି ଦ୍ୱାରା, ବୁଦ୍ଧିପୂର୍ବକ ତିଆରି କରାଯାଇଥିବା ମାର୍ଗ, ସୁବିଚାରିତ ଅର୍ଥାତ୍ ଅନୁକୂଳ-ପ୍ରତିକୂଳ, ଭଲ-ମନ୍ଦ, ଉଚିତ-ଅନୁଚିତ, ଧର୍ମ-ଅଧର୍ମ ଆଦି ବିଚାର-ମନନ କରି ନିର୍ମିତ ମାର୍ଗ । ବୁଦ୍ଧିର ଦୁରୁପଯୋଗ କରି ଶକୁନି, କଂସ, ରାବଣ ଆଦି ଦୁର୍ବୁଦ୍ଧିସମ୍ପନ୍ନ ବ୍ୟକ୍ତିଙ୍କ ଦ୍ୱାରା ତିଆରି ମାର୍ଗ ନୁହେଁ । କାରଣ ଏମାନଙ୍କ ରାସ୍ତା ତ ଦୁର୍ବୁଦ୍ଧି, କୁବୁଦ୍ଧିର ମାର୍ଗ । ଏଥିରେ ଅନ୍ଧାର ଥାଏ, ଆଲୋକ ନୁହେଁ । ଧିୟାକୃତାନ୍= ସଦ୍ ବୁଦ୍ଧିରେ ନିର୍ମିତ ରାସ୍ତା । ତାହା କିପରି ଅଟେ ? ସେସବୁ 'ଜ୍ୟୋତିଷ୍ମାନ୍' ଅର୍ଥାତ୍ ଜ୍ୟୋତିର୍ମୟ, ପ୍ରକାଶମାନ୍ ରାସ୍ତା । ନିଷ୍କର୍ଷ ହେଲା ଯେ ବୁଦ୍ଧିମାନଙ୍କ ଦ୍ୱାରା ନିର୍ମିତ ରାସ୍ତା ଅନ୍ଧକାରପୂର୍ଣ୍ଣ ନୁହେଁ, ଅପିତୁ ସେସବୁରେ ପ୍ରକାଶ ଉପଲବ୍ଧ ଥାଏ । ସେସବୁ ରାସ୍ତା କେଉଁଟି ? ସେସବୁ ହେଲା ସେମାନଙ୍କ ଦ୍ୱାରା ସ୍ଥାପିତ ପଦ୍ଧତି ଯାହା ଉପରେ କି ସେମାନେ ଯାଇଛନ୍ତି । ସୂର୍ଯ୍ୟ ଯେଉଁଭଳି ଭୌତିକ ପ୍ରକାଶ ଦ୍ୱାରା ଭୌତିକ ଜଗତକୁ ପ୍ରକାଶିତ କରେ, ସେହିପରି ସୂରି ଅର୍ଥାତ୍ ବୁଦ୍ଧିମାନ୍ ବ୍ୟକ୍ତି ନିଜ ବୁଦ୍ଧିର ପ୍ରକାଶ ଦ୍ୱାରା ଉତ୍ତମ ପ୍ରଥା, ପରିପାଟି (ଟ୍ରାଡିସନ୍)କୁ ଉଜ୍ଜ୍ୱଳ କରନ୍ତି । ସେସବୁ ଉପରେ ଚାଲି ବ୍ୟକ୍ତି ବାଟବଣା ହୁଏ ନାହିଁ । ଯକ୍ଷ ଯୁଧିଷ୍ଠିରଙ୍କୁ ପଚାରିଲେ— 'ରାସ୍ତା କେଉଁଟି ?' ଯୁଧିଷ୍ଠିର ଉତ୍ତର ଦେଲେ **— 'ମହାଜନୋ ଯେନ ଗତଃ ସ ପନ୍ଥାଃ'** (ମହା. ୩:୧୩:୩୧୫) — ଯେଉଁ ରାସ୍ତାରେ ମହାପୁରୁଷମାନେ, ବଡ଼ ଲୋକମାନେ ଯାଇଛନ୍ତି, ତାହା ହିଁ ରାସ୍ତା । ଧର୍ମର

ଲକ୍ଷଣରେ ମହର୍ଷି ମନୁ ଶ୍ରୁତି ଓ ସ୍ମୃତି ପରେ ତୃତୀୟ ସ୍ଥାନରେ ସଦାଚାରକୁ ରଖିଛନ୍ତି । **'ସତାମ୍ ଆଚାରଃ ସଦାଚାରଃ'—** ଶ୍ରେଷ୍ଠ ଲୋକଙ୍କ ଆଚାରକୁ ସଦାଚାର କହନ୍ତି । 'ଜ୍ୟୋତିଷ୍ମତଃ ପଥଃ' ଅର୍ଥାତ୍ ପ୍ରକାଶମାନ ମାର୍ଗକୁ କିଏ ପ୍ରକାଶିତ କରିଛନ୍ତି ? ବଡ଼-ବଡ଼ ଋଷି-ମନୀଷୀଗଣ । କିପରି କରିଛନ୍ତି ? - ନିଜ ପରୋପକାରୀ, କଲ୍ୟାଣକାରୀ ବୁଦ୍ଧି ଦ୍ୱାରା । ଗାୟତ୍ରୀ ମନ୍ତ୍ର ଜପ କାଳରେ କାହିଁକି କୁହାଯାଏ କି **— 'ଧିୟୋ ୟୋ ନଃ ପ୍ରଚୋଦୟାତ୍' —** ଈଶ୍ୱର ଆମ ବୁଦ୍ଧିକୁ ସନ୍ମାର୍ଗରେ ପ୍ରେରିତ କରନ୍ତୁ । କାରଣ ବୁଦ୍ଧି ହିଁ ଆମକୁ ରାସ୍ତା ଦେଖାଏ ଏବଂ ବୁଦ୍ଧି ଦ୍ୱାରା ଆମେ ଅନ୍ୟମାନଙ୍କ ଅନ୍ଧାର ରାସ୍ତାକୁ ମଧ୍ୟ ଆଲୁଅ କରିପାରିବା ।

ଆମେ 'ଜ୍ୟୋତିଷ୍ମତଃ ପଥଃ' ଉପରେ ଆଉ ଟିକିଏ ବିଚାର-ମନନ କରିବା । ଶ୍ରେଷ୍ଠ ମାର୍ଗ ଶ୍ରେଷ୍ଠ ବ୍ୟକ୍ତିଙ୍କଠାରୁ ମଧ୍ୟ ଅଧିକ ଶ୍ରେଷ୍ଠ ହୋଇଥାଏ । ଉଦାହରଣସ୍ୱରୂପ— ଆମେ ଦାନ ଦେଉଛେ । ଦାନ ଦେବା ଭଲ କାମ । ଯାହାକୁ ଦାନ ଦେଲେ ତାକୁ ଦ୍ରବ୍ୟ ଲାଭ ହେଲା । ଯିଏ ଦେଲା ତାକୁ ପୁଣ୍ୟ ଲାଭ ହେଲା । ଏହା ସହ ଦାନର ଏ କ୍ରିୟା ସମାପ୍ତ ହୋଇଗଲା । ସେହି କ୍ରିୟାର ଲାଭ ମଧ୍ୟ ସୀମିତ ହୋଇଥିବାରୁ ଫଳ ପ୍ରାପ୍ତ ପରେ ତାହା ସମାପ୍ତ ହୋଇଗଲା ବୋଲି ବୁଝାଯାଇପାରେ । କିନ୍ତୁ ଆମର ଏହି ଏକ ଦାନ-କର୍ମ ଦ୍ୱାରା ଦାନ ଦେବାର ଯେଉଁ ପ୍ରଥା ପଡ଼ିଗଲା, ତାହା ତ ଆମ ଠାରୁ ମଧ୍ୟ ଅଧିକ ମହତ୍ତ୍ୱପୂର୍ଣ୍ଣ । ଆମର ଏ କର୍ମରୁ ପ୍ରେରଣା ପାଇ କେତେ ଯେ ଲୋକ ଏହି କାର୍ଯ୍ୟ ଆପଣେଇବେ । ଆମର ଏ ଉତ୍ତମ ପ୍ରଥା ଆଗାମୀ କେତେ ଯେ ଦାନ-ଦାତା ଓ ଦାନ-ପ୍ରାପ୍ତକର୍ତ୍ତାଙ୍କୁ ଲାଭାନ୍ୱିତ କରିଚାଲିବ ଆମେ ତାହା ଚିନ୍ତା କରିପାରିବା ନାହିଁ । ଏହା ଜ୍ୟୋତିର୍ମୟ ମାର୍ଗ । ସମୁଦ୍ରରେ ଲୁକ୍କାୟିତ ପଥର-ପାହାଡ଼ରେ ପିଟି ହୋଇ ଜାହାଜ ଖଣ୍ଡ-ବିଖଣ୍ଡିତ ନ ହେବା ପାଇଁ, ଜାହାଜର ପଥ-ପ୍ରଦର୍ଶନ ନିମନ୍ତେ ବିଶେଷ ବିପତ୍ତିଜନକ, ଆବଶ୍ୟକତା ଥିବା ସ୍ଥାନରେ ବତୀଘର (ଲାଇଟ୍ ହାଉସ୍) ନିର୍ମାଣ କରାଯାଏ । ଉଡ଼ାଜାହାଜର ପଥପ୍ରଦର୍ଶନ ପାଇଁ ମଧ୍ୟ ଅନେକ ପ୍ରକାର ଉନ୍ନତ ଜ୍ୟୋତିସ୍ତନ୍ତ୍ର(ବ୍ୟବସ୍ଥା) ଉଦ୍‌ଭାବନ କରାଯାଇଛି । ଏସବୁ 'ଧିୟା କୃତ' ଅର୍ଥାତ୍ ବୁଦ୍ଧି ବଳରେ ନିର୍ମିତ ପ୍ରକାଶମୟ ମାର୍ଗ । ବେଦର ଏହି ମନ୍ତ୍ରାଂଶରେ କୁହାଯାଇଛି କି **'ଧିୟା କୃତାନ୍ ଜ୍ୟୋତିଷ୍ମତଃ ପଥଃ ରକ୍ଷ'—** ବୁଦ୍ଧି ଦ୍ୱାରା ନିର୍ମିତ ଜ୍ୟୋତିର୍ମୟ ପଥକୁ ରକ୍ଷା କର । ତିଆରି କରିବା ଲୋକେ ତ ରାସ୍ତା ତିଆରି କରିଯାଇଛନ୍ତି । ବର୍ତ୍ତମାନ ସମୟର ମନୁଷ୍ୟଙ୍କ କର୍ତ୍ତବ୍ୟ ହେଲା ଏସବୁ ନିର୍ମିତ ମାର୍ଗକୁ ରକ୍ଷା କରିବା ।

ଆମେ ଗ୍ରୀଷ୍ମନିବାସର ପାହାଡ଼ିଆ ଘାଟି ରାସ୍ତାରେ ଗଲାବେଳେ ବର୍ଷା ଆଦି କାଳରେ ରାସ୍ତାରେ ଦଳ-ଦଳ ଶ୍ରମିକ ନିୟମିତ ରୂପେ ରାସ୍ତା ସଫା କରୁଥିବାର ଦେଖିବାକୁ ପାଇବା । କାରଣ ଭୂସ୍ଖଳନ ଯୋଗୁଁ ପାହାଡ଼ର ବଡ଼-ବଡ଼ ପଥରଖଣ୍ଡ ଆଦି ଆସି ରାସ୍ତାରେ ଗମନାଗମନରେ ପ୍ରତିବନ୍ଧକ ଉତ୍ପନ୍ନ କରନ୍ତି । ଧର୍ମ ମାର୍ଗରେ ମଧ୍ୟ ସ୍ୱାର୍ଥ ଆଦି ପଥରଖଣ୍ଡ ନିତ୍ୟ ବାଧା ଉତ୍ପନ୍ନ କରନ୍ତି । ଯଦ୍ଦ୍ୱାରା ଅନେକ ଉତ୍ତମ ସଂସ୍କାର, ଉତ୍ତମ ପଦ୍ଧତି, ଉତ୍ତମ ପ୍ରଥା ବନ୍ଦ, ସମାପ୍ତ ହୋଇଯାଏ । ମହାପୁରୁଷମାନେ ବହୁତ ବୁଦ୍ଧି ଓ ପ୍ରଯତ୍ନଶୀଳତା ଦ୍ୱାରା ସମାଜର କଲ୍ୟାଣ ସକାଶେ ସେସବୁ ଉତ୍ତମ ପ୍ରଥା ତିଆରି କରିଯାଇଥାନ୍ତି; କିନ୍ତୁ ଦୁଃଖର ବିଷୟ ଯେ ପରବର୍ତ୍ତୀ ସମୟର ବହୁ ଅଳସୁଆ, ପ୍ରମାଦଗ୍ରସ୍ତ, ସ୍ୱାର୍ଥୀ ବ୍ୟକ୍ତିଙ୍କ କର୍ମହୀନତା ଆଦି ଅନେକ କାରଣରୁ ତନ୍ମଧ୍ୟରୁ ବହୁ ପ୍ରଥା ଲୋପ ପାଇଯାଏ । ଅତଃ ବେଦ ଚେତାବନୀ ଦିଏ କି ମଣିଷସମାଜର ବୃହତ୍ତର କଲ୍ୟାଣ ଦୃଷ୍ଟିରୁ ଏସବୁ ଆଲୋକର ମାର୍ଗକୁ ରକ୍ଷା କର । ଏହା କୌଣସି ଛୋଟ କାର୍ଯ୍ୟ ନୁହେଁ, ବଡ଼ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ମନୁଷ୍ୟ ଜାତିର ବଡ଼ ସେବା । ଯଦି ଆମେ ନୂଆ ଉତ୍ତମ ମାର୍ଗ ନିର୍ମାଣ କରିବାକୁ ଅସମର୍ଥ ତେବେ ପୁରୁଣା ଉତ୍ତମ ମାର୍ଗ(ଟ୍ରାଡିସନ୍)କୁ ଅନ୍ୟୂନ ପକ୍ଷେ ରକ୍ଷା କରିବା, ସେସବୁକୁ ନଷ୍ଟ-ଭ୍ରଷ୍ଟ ହେବାକୁ ଦେବା ନାହିଁ । ମଧ୍ୟବର୍ତ୍ତୀ କାଳରେ କେତେକଙ୍କ ପ୍ରମାଦ କାରଣରୁ ଜୀବନର ସ୍ତରକୁ ଉପରକୁ ଉଠାଉଥିବା ବହୁ ବୈଦିକ ପ୍ରଥା ନଷ୍ଟ ହୋଇଯାଇଛି,

ବିଗିଡ଼ିଯାଇଛି । ଏତଦ୍ଦ୍ୱାରା ଆର୍ଯ୍ୟ ସଂସ୍କୃତିର ବହୁଳ କ୍ଷତି ଘଟିଛି, ସଂସ୍କୃତି ହ୍ରାସୋନ୍ମୁଖୀ ହୋଇଚାଲିଛି । ଆମକୁ ଏସବୁକୁ ପୁନଃ ଜାଗ୍ରତ କରିବାକୁ ହେବ ।

ସଂସାରରେ ବୁଦ୍ଧି ଓ ଜ୍ୟୋତିର ଶତ୍ରୁମାନଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ । ବିଦ୍ୟାର ଶତ୍ରୁ ତ ଅନେକ ପ୍ରକାରର ହୋଇଥାନ୍ତି । ଆମେ ଜାଣିଛେ ଯେ ମଧ୍ୟଯୁଗରେ ଆମ ଦେଶରେ ଏକ ଅନ୍ଧକାରମୟ ସମୟ ବି ଆସିଲା । ଜ୍ଞାନ ଉପରେ କେତେକ ମୁଷ୍ଟିମେୟ ଲୋକ ନିଜର ଏକାଧିପତ୍ୟ ଜାହିର୍ କରିବାକୁ ଲାଗିଲେ । ସମାଜର ଅଧା ଭାଗ ହୋଇଥିବା ମହିଳାମାନଙ୍କୁ ତଥା ସମାଜର ବଳକା ଅର୍ଦ୍ଧାଧିକ ଭାଗକୁ ମଧ୍ୟ ଶିକ୍ଷା, ଜ୍ଞାନାଲୋକରୁ ବଞ୍ଚିତ କରାଗଲା । ଅନେକ ବୈଦେଶିକ ଆକ୍ରମଣକାରୀଙ୍କ ଦ୍ୱାରା ଆମ ଦେଶ ଦୀର୍ଘକାଳ ଧରି ଶାସିତ ହେଲା । ଆମ ସଂସ୍କୃତିକୁ ନଷ୍ଟ କରିବା ପାଇଁ ଅତୀତରେ ଅନେକ ପ୍ରକାର ଛଳ-ବଳ-କୌଶଳର ପ୍ରୟୋଗ ହୋଇଛି । ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ନିମନ୍ତେ ସ୍ୱାର୍ଥୀମାନଙ୍କ ଦ୍ୱାରା ଗ୍ରନ୍ଥର ଅପବ୍ୟାଖ୍ୟା କରିବା, ଗ୍ରନ୍ଥରେ ପ୍ରକ୍ଷିପ୍ତ କରିବା, ଇତିହାସକୁ ପରିବର୍ତ୍ତନ କରିବା ଆଦି ବିବିଧ ପ୍ରକାର ଷଡ଼ଯନ୍ତ୍ରମୂଳକ କାର୍ଯ୍ୟ ହେଲା । ଇଂରେଜମାନଙ୍କ ଦ୍ୱାରା ଶିକ୍ଷାପଦ୍ଧତିର ପରିବର୍ତ୍ତନ ଯୋଗୁଁ ଭାରତୀୟମାନେ ମଧ୍ୟ ଇଂରେଜଙ୍କ ଭଳି ଚିନ୍ତା କରିବାକୁ ଲାଗିଲେ । ଆମ ସଂସ୍କୃତିର ଜ୍ୟୋତିର୍ମୟ, ବୁଦ୍ଧିପୂର୍ଣ୍ଣ ପଥକୁ ଭୁଲିବାକୁ ଲାଗିଲେ । ସେ ସମୟରେ ଇତିହାସ ପଟଳରେ ଅବତୀର୍ଣ୍ଣ ହେଲେ ମହର୍ଷି ଦୟାନନ୍ଦ ସରସ୍ୱତୀ । ସତ୍ୟ ବିଦ୍ୟାର ବିନାଶକ, ଚକ୍ରାନ୍ତକାରୀଙ୍କୁ ସ୍ୱାମୀଜୀ ଶାସ୍ତ୍ରାର୍ଥର ଆହ୍ୱାନ ଦେଲେ ଏବଂ ଜ୍ୟୋତିର୍ମୟ ପଥ, ବୈଦିକ ଧର୍ମକୁ ରକ୍ଷା କଲେ । ଆର୍ଷ ବାଙ୍ମୟର ଯଥାର୍ଥ ଭାଷ୍ୟ ପରମ୍ପରା ପୁନଃ ଆରମ୍ଭ ହେଲା, ଯଥାର୍ଥ ଜ୍ଞାନର ପ୍ରଚାର-ପ୍ରସାର ନିମିତ୍ତ ବହୁବିଧ ପ୍ରୟାସ ହେଲା । ସତ୍ୟାର୍ଥପ୍ରକାଶରେ ମହର୍ଷି ପ୍ରତିପାଦନ କଲେ ଯେ ଶିକ୍ଷା ପ୍ରତ୍ୟେକ ମଣିଷର ମୌଳିକ ଅଧିକାର । ପ୍ରତ୍ୟେକ ବାଳକ-ବାଳିକାଙ୍କ ଅନିବାର୍ଯ୍ୟ ଶିକ୍ଷା ସପକ୍ଷରେ ମହର୍ଷି ଦୃଢ଼ ଯୁକ୍ତି ସପ୍ରମାଣ ଉପସ୍ଥାପନ କଲେ । ନାରୀ-ଶିକ୍ଷା କ୍ଷେତ୍ରରେ ଏକ କ୍ରାନ୍ତିର ସୂତ୍ରପାତ ହେଲା ।

ଏ ଜ୍ୟୋତିର୍ମୟ ପଥ ତ କୌଣସି ଗିରିପଥ ନୁହେଁ ଯେ ସେଥିରେ ସୈନିକ-ଘାଟି ସ୍ଥାପନ କରି ବା ତୋପ-ମିସାଇଲ୍ ଲଗାଇ ତାକୁ ସୁରକ୍ଷିତ କରାଯାଇପାରିବ । ଏହା ମାଟି, ବାଲି, ଗୋଡ଼ି, ସିମେଣ୍ଟ, ପିଚୁ ଆଦି ଦ୍ୱାରା ନିର୍ମିତ କୌଣସି ରାସ୍ତା ନୁହେଁ ଯେ ଏସବୁ ସାଧନ ଦ୍ୱାରା ଏହାକୁ ସୁରକ୍ଷିତ ରଖାଯାଇପାରିବ । ଏ ପଥ ତ ବେଦ-ଦର୍ଶନ-ଉପନିଷଦ ଆଦି ବୈଦିକ ଜ୍ଞାନ-ବିଜ୍ଞାନ ସମ୍ବଳିତ ପଥ । ସ୍ୱାଧ୍ୟାୟ-ପ୍ରବଚନ ଦ୍ୱାରା ହିଁ ଏହାର ରକ୍ଷା ସମ୍ଭବ । ଏଣୁ ବେଦକୁ ପଢ଼ିବା-ପଢ଼ାଇବା ଏବଂ ଶୁଣିବା-ଶୁଣାଇବା ପରମ ଧର୍ମ ବୋଲି ମହର୍ଷି ଦୟାନନ୍ଦ ନିୟମ ପ୍ରଣୟନ କଲେ । ଆମେ ଗଳ୍ପ, ଉପନ୍ୟାସ, ପତ୍ର-ପତ୍ରିକା ଆଦି ଯାହା ବି ଉତ୍ତମ ପୁସ୍ତକ ପଢ଼ିବାକୁ ଚାହୁଁଛେ, ପଢ଼ିବା । କିନ୍ତୁ ଆର୍ଷ ଗ୍ରନ୍ଥ ଆଡୁ କେବେ ବି ମୁହଁ ମୋଡ଼ିବା ନାହିଁ । ସ୍ନାନ-ଶୌଚ-ଭୋଜନ ଆଦି ଯେପରି ଦୈନନ୍ଦିନ କର୍ମ ସେହିପରି ବୈଦିକ ପୁସ୍ତକ ଅଧ୍ୟୟନ ଆମର ନିତ୍ୟ କର୍ତ୍ତବ୍ୟ । ପ୍ରତିଦିନ ବେଦ, ଦର୍ଶନ, ଉପନିଷଦ ଆଦି ବୈଦିକ ସାହିତ୍ୟର କିଛି ଅବଶ୍ୟ ରୂପେ ପଢ଼ିବା । ଆମେ ପ୍ରତ୍ୟେକେ ଏ ନିୟମ କରିବା କି — ମୁଣ୍ଡକୁ ଜ୍ଞାନ ଦେଲେ ଯାଇ ତୁଣ୍ଡକୁ ଅନ୍ନ ଦେବା । ଜ୍ଞାନ ଆହରଣ ନାହିଁ ତ ଭୋଜନ ନାହିଁ । ବେଦ-ବିଦ୍ୟା ହିଁ ମାନବ-ଜାତିର, ଆମ ସଂସ୍କୃତିର ମୁଖ୍ୟ ସମ୍ପତ୍ତି । ନିରୁକ୍ତକାର ଆଚାର୍ଯ୍ୟ ଯାସ୍କ ଲେଖନ୍ତି କି ବିଦ୍ୟା ବ୍ରାହ୍ମଣକୁ ଆଗ୍ରହ କରେ—

**ବିଦ୍ୟା ହ ବୈ ବ୍ରାହ୍ମଣମାଜଗାମ ଗୋପାୟ ମା ଶେବଧିଷ୍ଟେଽହମସ୍ମି ।** (ନିରୁକ୍ତ.୨:୪)

ବିଦ୍ୟା କହେ, 'ହେ ବ୍ରହ୍ମବେତ୍ତା ! ମୋତେ ରକ୍ଷା କର, ମୁଁ ତୁମର ନିଧି, ଅମୂଲ୍ୟ ଗନ୍ତାଘର (ଶେବଧି-କଲ୍ୟାଣନିଧି) ।' ମନୁ ମହାରାଜ କହନ୍ତି ଏକ ଆଖ୍ୟାନ ରୂପେ—

**ବିଦ୍ୟା ବ୍ରାହ୍ମଣମେତ୍ୟାହ ଶେବଧିଷ୍ଟେଽସ୍ମି ରକ୍ଷ ମାମ୍ ।** (ମନୁ. ୨:୮୯)

ବିଦ୍ୟା ବିଦ୍ୱାନ୍ ବ୍ରାହ୍ମଣ ନିକଟକୁ ଆସି ନିବେଦନ କଲା, 'ମୁଁ ତୁମର ଶେବଧି-କଲ୍ୟାଣକାରୀ ନିଧି ଅଟେ, ମୋତେ ରକ୍ଷା କର ।'

ଅତଃ ବୈଦିକ ବାଙ୍ମୟର ପଠନ-ପାଠନ ଓ ଶ୍ରବଣ-ଶ୍ରାବଣ ଦ୍ୱାରା ଆମ ସଂସ୍କୃତିର ଜ୍ଞାନନିଧି ଜ୍ୟୋତିର୍ମୟ ବୁଦ୍ଧିକୃତ ମାର୍ଗକୁ ଅବଶ୍ୟ ରକ୍ଷା କରିବାକୁ ହେବ ।

ସଂସାରରେ ଏଭଳି ଜ୍ଞାନବାନ୍ ବ୍ୟକ୍ତି ବି ଦେଖିବାକୁ ମିଳନ୍ତି ଯେଉଁମାନେ କି ପ୍ରାପ୍ତ ଜ୍ଞାନ-ବିଜ୍ଞାନକୁ ନିଜ ଭିତରେ ସୀମାବଦ୍ଧ କରି ରଖିଦିଅନ୍ତି, ଅନ୍ୟକୁ ଦିଅନ୍ତି ନାହିଁ । ସେମାନେ ପ୍ରାପ୍ତ କରିଥିବା ଏତେ ସବୁ ଜ୍ଞାନର ଲାଭ କ'ଣ ହୁଏ ? ତଦ୍ଦ୍ୱାରା ସଂସାରର କ'ଣ ଉପକାର ସାଧିତ ହୁଏ ? ସେମାନଙ୍କ ମୃତ୍ୟୁ ସହ ସେସବୁ ଜ୍ଞାନ-ବିଜ୍ଞାନର ମଧ୍ୟ ଅନ୍ତ ଘଟେ । ଜ୍ଞାନମାର୍ଗର ରକ୍ଷା ହୋଇପାରେ ନାହିଁ । ଏଣୁ ବେଦ ଉପଦେଶ ଦିଏ କି ପୂର୍ବଜଙ୍କ ଠାରୁ ପ୍ରାପ୍ତ ଜ୍ଞାନରାଶିକୁ ପଠନ-ପାଠନ, ଶ୍ରବଣ-ଶ୍ରାବଣ, ଚର୍ଚ୍ଚା-ଆଲୋଚନା ଆଦି ସୁଚିନ୍ତିତ ଉପାୟରେ ରକ୍ଷା କର, ନଷ୍ଟ କରିଦିଅ ନାହିଁ ।

ଆଜି ସଂସାରରେ ଜ୍ଞାନ-ବିଜ୍ଞାନ କ୍ଷେତ୍ରରେ ଯେଉଁ ପ୍ରଗତି ସଂଘଟିତ ହୋଇଛି ଏବଂ ହୋଇଚାଲିଛି ତା'ର ବଡ଼ କାରଣ ହେଲା ଜ୍ଞାନୀ, ବିଚାରଶୀଳ, ଗବେଷକଙ୍କ ଦ୍ୱାରା ଆବିଷ୍କୃତ, ଉଦ୍‌ଭାବିତ ଜ୍ଞାନ-ବିଜ୍ଞାନ ସୁରକ୍ଷିତ ରୂପେ ପରବର୍ତ୍ତୀ ଉତ୍ତରାଧିକାରୀଙ୍କ ପାଖକୁ ପହଞ୍ଚିପାରିବା । ତା'ର ପଠନ-ପାଠନ, ବିଚାର-ମନନ ବ୍ୟାପକ ରୂପେ ହେବା ।

ଆଜି ଆମେ ଯେଉଁ ବ୍ୟୋମଯାନରେ ଯାତ୍ରା କରୁଛେ ତାହାର ଉଦ୍‌ଭାବନ ଦିନକରେ ହୋଇଯାଇନାହିଁ । ଆକାଶରେ ପକ୍ଷୀ ଉଡୁଥିବା ଦେଖି ନିଜେ ମଧ୍ୟ ଆକାଶରେ ଉଡ଼ିବାର ବିଚାର ମଣିଷ ମନରେ ଆସିବା ପରଠାରୁ ଯେତେ ବ୍ୟକ୍ତି ତା' ଉପରେ ଗବେଷଣା, ପୁରୁଷାର୍ଥ-ପରିଶ୍ରମ କରିଛନ୍ତି ସେମାନେ ନିଜ ଦ୍ୱାରା ଆବିଷ୍କୃତ-ଉଦ୍‌ଭାବିତ ଜ୍ଞାନ-ବିଜ୍ଞାନକୁ ଲେଖା ଓ ପ୍ରବଚନ ମାଧ୍ୟମରେ ସୁରକ୍ଷିତ ରୂପେ ପରବର୍ତ୍ତୀ ଉତ୍ତରାଧିକାରୀଙ୍କୁ ଦେଇଯାଇଛନ୍ତି । ତଦ୍ଦ୍ୱାରା ପରବର୍ତ୍ତୀ କାଳରେ ନିରବଚ୍ଛିନ୍ନ ଗବେଷଣାର ପରିଣାମ ସ୍ୱରୂପ ବ୍ୟୋମଯାନ ନିର୍ମିତ ହୋଇପାରିଛି ଏବଂ ତା'ର ମାନ ମଧ୍ୟ ନିରନ୍ତର ଉନ୍ନତ ହୋଇଚାଲିଛି । ଏଠାରେ ଆଉ ଏକ କଥା ଧ୍ୟାତବ୍ୟ ଯେ ଯଦି ପ୍ରଥମେ ଉଡିବାକୁ ଚେଷ୍ଟା କରିଥିବା ସେହି ବ୍ୟକ୍ତିର ଜ୍ଞାନକୁ ଯେମିତିକୁ ସେମିତି ଭାବେ କେବଳ ରକ୍ଷା କରାଯାଇଥାଆନ୍ତା, ସେଥିରେ ନିଜସ୍ୱ ଅଂଶ (ବୌଦ୍ଧିକ ଦକ୍ଷତା, ପରିଶ୍ରମ-ପୁରୁଷାର୍ଥ) ଯୋଡ଼ା ଯାଇନଥାନ୍ତା, ତେବେ ମଧ୍ୟ ବ୍ୟୋମଯାନ ତିଆରି ହୋଇପାରନ୍ତା ନାହିଁ । ଅତଃ ଜ୍ୟୋତିର୍ମୟ ବୁଦ୍ଧିକୃତ ମାର୍ଗକୁ ରକ୍ଷା କରିବାର ଏକ କାମ ମଧ୍ୟ ହେଲା ସେଥିରେ ନିଜର ଭାଗ ଯୋଡ଼ିବା ।

ଜ୍ଞାନର ଅନୁସରଣ ନିମିତ୍ତ ଜ୍ଞାନର ରକ୍ଷା ନିତାନ୍ତ ଆବଶ୍ୟକ । କିନ୍ତୁ ଜ୍ଞାନର ପ୍ରୟୋଜନ କ'ଣ ? 'ଜ୍ଞାନ, ଜ୍ଞାନ ପାଇଁ'- ଏହା ତ ପ୍ରମାଦୀମାନଙ୍କ କଥା । ଜ୍ଞାନର ପର୍ଯ୍ୟବସାନ, ପରିଣାମ, ସଫଳତା କର୍ମରେ । ଏଣୁ ପରବର୍ତ୍ତୀ ମନ୍ତ୍ରାଂଶରେ କୁହାଯାଇଛି—

**୩. ଜୋଗୁବାମ୍ ଅନୁଲ୍ବଣମ୍ ଅପଃ ବୟତ—** 'ଅପଃ'ର ଅର୍ଥ ହେଲା କର୍ମ— **'ଅପଃ କର୍ମନାମ'** (ନିଘଣ୍ଟୁ. ୨:୧) । ଉଣାଦିକୋଷ (୪:୨୦୯)ରେ ମଧ୍ୟ ଋଷି 'ଅପଃ'ର ବ୍ୟୁତ୍ପତ୍ତି କରିଛନ୍ତି— **'ଆପ୍ୟତେ ସୁଖଂ ୟେନ ତଦ୍ ଅପଃ, ଅପତ୍ୟଂ ସୁକର୍ମୋ ବା ।'** ଯେହେତୁ ଜ୍ଞାନର ସଫଳତା କର୍ମର ଅନୁଷ୍ଠାନରେ ହିଁ ଅଛି, ତେଣୁ ମନ୍ତ୍ରର ଏହି ତୃତୀୟ ଖଣ୍ଡରେ ଆଦେଶ ଦିଆଯାଇଛି କି କର୍ମର ବିସ୍ତାର କର । କିପରି କର୍ମର ବିସ୍ତାର ? କାହାର କର୍ମର ବିସ୍ତାର ? ଉତ୍ତର ଦିଆଯାଇଛି— 'ଜୋଗୁବାମ୍', 'ଅନୁଲ୍ବଣମ୍' । 'ଅନୁଲ୍ବଣମ୍' ଅର୍ଥ ଅକୁଟିଳ, ଅଡୁଆରହିତ, ଜଟିଳତା ରହିତ, ଧୂର୍ତ୍ତତାରହିତ, ଋଜୁ, ସ୍ପଷ୍ଟ-ସରଳ କର୍ମ । 'ଜୋଗୁବାମ୍'ର ଅର୍ଥ କବି, ବିଦ୍ୱାନ୍, ଭକ୍ତ, ଉପାସକଙ୍କର । ଅତଃ ଏହି ମନ୍ତ୍ରାଂଶର ଅର୍ଥ ହେଲା ଯେ କବି, ବିଦ୍ୱାନ୍, ଈଶ୍ୱରଭକ୍ତ, ଉପାସକଙ୍କର ଅକୁଟିଳ, ଅଡୁଆରହିତ, ଜଟିଳତା ରହିତ, ଋଜୁ କର୍ମକୁ ଆଗକୁ ବଢ଼ାଅ, ବିସ୍ତାର କର । କୁହାଯାଏ ଯେ

କର୍ମ ହେଉଛି ବନ୍ଧନର କାରଣ । କିନ୍ତୁ ବେଦ କହେ କି ଜନ୍ମ ଯେତେବେଳେ ମିଳିଛି, କର୍ମ ତ କରିବାକୁ ହିଁ ହେବ; ସେଥିରୁ ଖସିଯିବାର ଉପାୟ ନାହିଁ । କର୍ମ ଦ୍ୱାରା ହିଁ ସୂତା ଅଡୁଆ ହୋଇଥାଏ, ଗଣ୍ଠି, ଫାଶ ପଡ଼ିଯାଇଥାଏ; ଏବଂ କର୍ମ ଦ୍ୱାରା ହିଁ ଅଡୁଆ, ଫାଶ, ଗଣ୍ଠି ଖୋଲିଥାଏ । ଜ୍ଞାନରହିତ, ଜ୍ଞାନର ବିପରୀତ, ସ୍ୱାର୍ଥ ବିଜଡ଼ିତ, ଅନ୍ୟକୁ ଠକିବା-ଧୋକାଦେବା-ଭୁଆଁବୁଲାଇବା କର୍ମ, ଈର୍ଷା-ଦ୍ୱେଷ-ଲୋଭ-କ୍ରୋଧ-ମୋହ ପୂର୍ବକ କରାଯାଉଥିବା କର୍ମ ଦୁଃଖଦାୟକ ହୋଇଥାଏ, ବନ୍ଧନରେ ପକାଇଥାଏ । ଜ୍ଞାନପୂର୍ଣ୍ଣ, ସ୍ୱାର୍ଥବିରହିତ, ନିଷ୍କାମ ପରୋପକାର କର୍ମ ଗଣ୍ଠି ଖୋଲିଥାଏ । ତେଣୁ ଏପରି ପରମାର୍ଥ କର୍ମ କରିବା, ସଂସାରରେ ବିସ୍ତାର କରିବା ଉଚିତ ।

**୪. ମନୁର୍ଭବ ଜନୟା ଦୈବ୍ୟଂ ଜନମ୍ —** ମନ୍ତ୍ରର ଏହି ଅନ୍ତିମ ଖଣ୍ଡରେ ୨ଟି କଥା କୁହାଯାଇଛି— **କ. ମନୁର୍ଭବ—** ନିଜେ ମଣିଷ ହୁଅ ଓ **ଖ. ଜନୟା ଦୈବ୍ୟଂ ଜନମ୍—** ସନ୍ତାନଙ୍କୁ, ସମାଜକୁ ଦିବ୍ୟ କର ।

**କ. ମନୁର୍ଭବ—** ଆଜି ସଂସାରରେ ଯେତେ ସବୁ ଝଗଡ଼ା, କଳହ ହେଉଛି ତା'ର ବଡ଼ କାରଣ ହେଲା ଯେ ମଣିଷ ଯଥାର୍ଥତଃ ମଣିଷ ହୋଇପାରୁ ନାହିଁ । ବାପ-ପୁଅଙ୍କ ଝଗଡ଼ା, ଭାଇ-ଭାଇ ଭିତରେ କଳହ, ଶାଶୂ-ବୋହୂଙ୍କ କଳି, ବର୍ଗ ବିଦ୍ୱେଷ, ସତ୍ତା ସଂଘର୍ଷ, ସାମ୍ପ୍ରଦାୟିକ ଦଙ୍ଗା, ଧୋକା-ବେଇମାନି, ଛଳ-କପଟ, ଚୋରି-ଡକାଏତି, ମାର-ପିଟ୍, ହାଣ-କାଟ, ଅପମିଶ୍ରଣ-କଳାବଜାରୀ, ଶୋଷଣ-ଲୁଣ୍ଠନ — ଏସବୁ ଏଇଥିପାଇଁ ହେଉଛି, କାରଣ ମଣିଷ, ମନୁଷ୍ୟତ୍ୱରୁ ପତିତ ହୋଇଯାଇଛି । ଆଜି ଯାହାକୁ ମଣିଷ କୁହାଯାଉଛି, ସିଏ ହିଁ ମାନବତାର ଶତ୍ରୁ ହୋଇଯାଇଛି ।

ସଂସାରରେ ଦେଖିବାକୁ ମିଳେ ଯେ କେହି କହେ ହିନ୍ଦୁ ହୁଅ, କେହି କହେ ଖ୍ରୀଷ୍ଟିଆନ ହୁଅ, କେହି କହେ ମୁସଲମାନ ହୁଅ, କେହି କହେ ବୌଦ୍ଧ ହୁଅ, ଜୈନ ହୁଅ, ଶିଖ୍ ହୁଅ ଇତ୍ୟାଦି ଇତ୍ୟାଦି । କିନ୍ତୁ ବେଦ କହେ କି — **'ମନୁର୍ଭବ'—** ମଣିଷ ହୁଅ । ଏହା ଏବଂ ଏହିଭଳି ବୈଶିଷ୍ଟ୍ୟପୂର୍ଣ୍ଣ ଉଦାତ୍ତ ବିଚାର ବେଦକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ । ବେଦର ଉପଦେଶ ସକଳ ପ୍ରକାର ସଂକୀର୍ଣ୍ଣତା, ସଂକୁଚିତତାରୁ ଉର୍ଦ୍ଧ୍ୱରେ । ବେଦର ଉପଦେଶ ସାର୍ବଭୌମ, ସାର୍ବକାଳିକ, ସାର୍ବଜନୀନ ଅର୍ଥାତ୍ ସକଳ ସ୍ଥାନ, ସମସ୍ତ କାଳ ଓ ସବୁ ମଣିଷଙ୍କ ପ୍ରତି ସମାନ ରୂପେ ପ୍ରଯୁଜ୍ୟ ଓ ଉପଯୋଗୀ । କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ, ଦଳର ସୀମାରେ ଆବଦ୍ଧ ପରିଚୟରେ ସେ ବ୍ୟାପକତା କାହିଁ, ଯାହା 'ମଣିଷ' ରୂପେ ପରିଚୟ ଦେବାରେ ଅଛି । ଆମେ ଯଦି କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ, ବର୍ଗର ଅନ୍ତର୍ଗତ ରୂପେ ପରିଚୟ ଦେବା ତେବେ ଆମ ମମତ୍ୱ କେବଳ ସେ ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ ହୋଇଯିବ । କିନ୍ତୁ 'ମଣିଷ' ରୂପେ ପରିଚୟରେ ତ ସମଗ୍ର ସଂସାର ମୋର ପରିବାର ହୋଇଯିବ, ସମସ୍ତଙ୍କ ପ୍ରତି ମୋର ପ୍ରେମ ରହିବ । ମଣିଷ ହେଲେ **'ବସୁଧୈବକୁଟୁମ୍ବକମ୍'**ର ଭାବନା ଜାଗ୍ରତ ହେବ । ସାରା ସଂସାରକୁ ମିତ୍ର ଦୃଷ୍ଟିରେ ଦେଖିବାର ଭାବନା ବଳବତୀ ହେବ — **'ମିତ୍ରସ୍ୟାଽହଂ ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷେ'** (ଯଜୁଃ. ୩୬:୧୮) । ଧୀରେ-ଧୀରେ ତା' ମନରେ କେବଳ ମଣିଷ ପ୍ରତି ହିଁ ନୁହେଁ, ବରଂ ପ୍ରାଣୀମାତ୍ରକେ ପ୍ରତ୍ୟେକଙ୍କ ପ୍ରତି ପ୍ରେମଭାବ, ମୈତ୍ରୀଭାବ ଜାଗ୍ରତ ହେବ । ଏହା ଉଚିତ ମଧ୍ୟ । କାରଣ 'ମନୁଷ୍ୟ' ଶବ୍ଦର ଅର୍ଥ ହେଲା— **'ମତ୍ୱା କର୍ମାଣି ସୀବ୍ୟତି'** (ନିରୁକ୍ତ. ୩:୭)— ଯିଏ କି ବିଚାର-ମନନ ପୂର୍ବକ କର୍ମ କରେ; ଆଖିବୁଜି, ଅବିଚାରିତ ଭାବେ କର୍ମ କରେ ନାହିଁ । କର୍ମ କରିବା ପୂର୍ବରୁ ଯିଏ ଉତ୍ତମ ରୂପେ ବିଚାର କରେ କି ମୋର ଏ କର୍ମର କ'ଣ ଫଳ ହେବ ? କାହା-କାହା ଉପରେ ଏହାର କ'ଣ-କ'ଣ ପ୍ରଭାବ ପଡ଼ିବ ? ଏ କର୍ମ ପ୍ରାଣୀମାନଙ୍କ ଦୁଃଖ, ପୀଡ଼ାର କାରଣ ହେବ ନା ପ୍ରାଣୀମାନଙ୍କ ହିତସାଧନ କରିବ ? ଇତ୍ୟାଦି ।

ସଂସାରରେ ଯେତେ ଜଳଚର, ନଭଚର ଓ ଭୂଚର ପ୍ରାଣୀ ଅଛନ୍ତି, ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟର ଶରୀର-ରଚନା ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା

ଶ୍ରେଷ୍ଠ । ତାକୁ ବୁଦ୍ଧିରେ ବିଭୂଷିତ କରି ପରମାତ୍ମା ଆହୁରି ଉତ୍ତମ କରିଛନ୍ତି । ସଂସାରର ସମସ୍ତ ବିଦ୍ୱାନ୍‌ଙ୍କର ଏ କଥା ଉପରେ ମତୈକ୍ୟ ଅଛି କି ମଣିଷଠାରୁ ବଳି ଅନ୍ୟ କୌଣସି ଶ୍ରେଷ୍ଠ ପ୍ରାଣୀ ସଂସାରରେ ନାହିଁ । ମହର୍ଷି ବେଦବ୍ୟାସ ମହାଭାରତରେ ବହୁତ ସୁନ୍ଦର କଥା କହିଛନ୍ତି— **'ଗୁହ୍ୟଂ ବ୍ରହ୍ମ ତଦିଦଂ ବୋ ବ୍ରବୀମି ନ ହି ମାନୁଷାତ୍ ଶ୍ରେଷ୍ଠତରଂ ହି କିଞ୍ଚିତ୍ ।'** (ମହା. ୧୨:୨୮୮:୨୦) — ମୁଁ ତୁମକୁ ଏ ପରମ ରହସ୍ୟ କଥା କହୁଅଛି କି ସଂସାରରେ ମନୁଷ୍ୟଠାରୁ ବଳି ଶ୍ରେଷ୍ଠ ଆଉ କିଛି ନାହିଁ । ବାସ୍ତବରେ ଏହା ଏକ ରହସ୍ୟର କଥା । ଶତପଥ ବ୍ରାହ୍ମଣକାର ବି ବହୁତ ସୁନ୍ଦର କଥା କହିଛନ୍ତି— **'ପୁରୁଷୋ ବୈ ପ୍ରଜାପତେର୍ନେଦିଷ୍ଠମ୍ ।'**— ପ୍ରାଣୀମାନଙ୍କ ମଧ୍ୟରେ ମନୁଷ୍ୟ ପରମେଶ୍ୱରଙ୍କ ନିକଟତମ । ଗୁଣ-କର୍ମ ଦୃଷ୍ଟିରୁ ଅନ୍ୟ କୌଣସି ପ୍ରାଣୀ ପରମେଶ୍ୱରଙ୍କ ଏତେ ନିକଟତା ପ୍ରାପ୍ତ କରିନାହାନ୍ତି ଯେତେ କି ମନୁଷ୍ୟ କରିଛି । ପରମାତ୍ମା ମଣିଷକୁ ଏତେ ସାଧନ-ସମ୍ପନ୍ନ କରିଛନ୍ତି କି ଯଦି ସିଏ ଉପରକୁ ଉଠିବାକୁ ଚାହିଁବ ତେବେ ତା'ର କୌଣସି ସୀମା ନାହିଁ, ଅସୀମ ପରମାତ୍ମାଙ୍କ ପ୍ରାପ୍ତି ପର୍ଯ୍ୟନ୍ତ ସେ ଯାଇପାରିବ । ଆଉ ଯଦି ତଳକୁ ପଡ଼ିବାକୁ ଚାହିଁବ ତେବେ ତା'ର ମଧ୍ୟ ସୀମା କଳ୍ପନାନୀତ ।

ବାସ୍ତବରେ ମାନବତା ହିଁ ମାନବର ଆଭୂଷଣ । ଯଦି ମାନବ ନିଜ ମାନବତାକୁ ଚିହ୍ନିପାରେ, ଜାଗ୍ରତ କରିନିଏ ତେବେ ତ ସିଏ ମନୁଷ୍ୟ, ଅନ୍ୟଥା ତା' ଭିତରେ ପଶୁତ୍ୱ ଜାଗ୍ରତ ହୋଇ ତାକୁ ପଶୁ କରିଦିଏ । ସଂସ୍କୃତରେ ଜଣେ କବି କହିଛନ୍ତି—

**ଖାଦତେ ମୋଦତେ ନିତ୍ୟଂ ଶୁନକଃ ଶୂକରଃ ଖରଃ ।**

**ତେଷାମେଷାଂ କୋ ବିଶେଷୋ ବୃତ୍ତିର୍ୟେଷାଂ ତୁ ତାଦୃଶୀ ॥**

କୁକୁର, ଘୁଷୁରି ଓ ଗଧ ଆଦି ମଧ୍ୟ ଖାଆନ୍ତି-ପିଅନ୍ତି ଓ ଖେଳନ୍ତି-ବୁଲନ୍ତି । ଯଦି ମଣିଷ ମଧ୍ୟ କେବଳ ଏସବୁ କାର୍ଯ୍ୟରେ ନିଜ ଜୀବନର ସାର୍ଥକତା ବୋଲି ବିଚାର କରେ ତେବେ ଫେରେ ତା' ଭିତରେ ଓ ପଶୁ ମଧ୍ୟରେ ପାର୍ଥକ୍ୟ କ'ଣ ?

ଆମେ ମଣିଷ ହେବା । ଆମକୁ ଆକୃତିରେ ମଣିଷ କରି ତ ଭଗବାନ ତିଆରି କରିଛନ୍ତି । ପ୍ରକୃତିରେ ମନୁଷ୍ୟ ହେବା ଦାୟିତ୍ୱ ଭଗବାନ ଆମ ଉପରେ ନ୍ୟସ୍ତ କରିଛନ୍ତି । ଆମେ ନିଜ ଜୀବନ, କର୍ମ, ଚରିତ୍ର ଦ୍ୱାରା ପ୍ରଭୁଙ୍କ ଆଦେଶ ଚରିତାର୍ଥ କରିବା । ଆମେ ନିଜ କ୍ରିୟାକଳାପ, ଆଚରଣରେ ମାନବ ହିଁ ରହିବା, ନା ଦାନବ ହେବା, ନା ପଶୁ ।

ପଶ୍ଚିମର ସାମାଜିକ ଦର୍ଶନ ବହୁ ଦୂର ପର୍ଯ୍ୟନ୍ତ ଡାରଉଇନ୍‌ଙ୍କ ବିକାଶବାଦର ସିଦ୍ଧାନ୍ତ 'ଯୋଗ୍ୟତମର ବିଜୟ' (Survival of the fittest) ଉପରେ ଆଧାରିତ । ଏହି ସମାଜଦର୍ଶନର ଭିତ୍ତି ହେଲା 'ମତ୍ସ୍ୟନ୍ୟାୟ'— ବଡ଼ ମାଛ ସାନ ମାଛକୁ ଖାଇଯାଏ - ବଡ଼ ବଞ୍ଚିରହେ, ସାନ ସମାପ୍ତ ହୋଇଯାଏ । ଅଭିପ୍ରାୟ ହେଲା ଯେ ବଳବାନ୍ ଦୁର୍ବଳକୁ ଦବେଇ, ଶୋଷଣ କରି ଉନ୍ନତି କରିବ । 'ଠେଙ୍ଗା ଯା'ର ଗାଇ ତା'ର'- ଏହା ବର୍ବର ଶିକ୍ଷା । ଆଜି ସଂସାରରେ ପ୍ରାୟ ସେଇଆ ଚାଲିଛି । ବ୍ୟକ୍ତି, ଜାତି, ଦେଶ ସବୁ କ୍ଷେତ୍ରରେ ଜଣେ ଅନ୍ୟକୁ ଦଳିମକଚି, ଗିଳି ନିଜ ପ୍ରଭୁତ୍ୱ ବିସ୍ତାର କରିବାର ସ୍ପର୍ଦ୍ଧାରେ ଲାଗିଛନ୍ତି । ଏହା କିନ୍ତୁ ମାନବତାର ପରମ ଶତ୍ରୁ । ମାନବିକତା ହେଲା 'ନିଜେ ବଞ୍ଚ ଓ ଅନ୍ୟକୁ ବଞ୍ଚିବାକୁ ଦିଅ । ପ୍ରକୃତିକୁ ଦୋହନ କର, ଶୋଷଣ ନୁହେଁ ।' **'ଅହିଂସା ପରମୋ ଧର୍ମଃ'**— ମନସା-ବାଚା-କର୍ମଣା କାହାରିକୁ ଅନ୍ୟାୟପୂର୍ବକ ଦୁଃଖ ନ ଦେବା ହେଲା ମାନବତା ।

ମଣିଷ ଯଦି ସତରେ ମଣିଷ ହୋଇଯିବ ତେବେ ସଂସାରରୁ ସାରା ଉପଦ୍ରବ ଦୂର ହୋଇଯିବ । ଟିକିଏ ବିଚାର କଲେ ଦେଖାଯିବ ଯେ ପ୍ରତ୍ୟେକ ଧାର୍ମିକ ସମ୍ପ୍ରଦାୟର ଲୋକେ ପରମାତ୍ମାଙ୍କୁ ପିତା ଭାବରେ ସ୍ୱୀକାର କରନ୍ତି । ବେଦରେ ବି ପରମେଶ୍ୱରଙ୍କୁ ପିତା-ମାତା ବୋଲି

କୁହାଯାଇଛି— **'ତ୍ୱଂ ହି ନଃ ପିତା ବସୋ ତ୍ୱଂ ମାତା ଶତକ୍ରତୋ ବଭୂବିଥ ।'** (ଋକ୍. ୮:୯୮:୧୧) — ହେ ବସୋ ! ଆପଣ ଆମ ପିତା । ଜୀବଙ୍କ ଉତ୍ପତ୍ତି-ପାଳନ ଆଦି ନାନାବିଧ କର୍ମ କରୁଥିବା ପରମାତ୍ମନ୍ ! ଆପଣ ଆମ ମାତା ଅଟନ୍ତି । ଅତଃ ପ୍ରଭୁ ଆମର ମାତା-ପିତା ହୋଇଥିବାରୁ ଆମେ ପ୍ରତ୍ୟେକ ମଣିଷ ତାଙ୍କ ସନ୍ତାନ, ଅର୍ଥାତ୍ ଆମେ ଭାଇ-ଭାଇ । କିନ୍ତୁ ଆମେ ପରସ୍ପର ଭିତରେ ସଂଗ୍ରାମ କରୁଛେ । ଭାଇ-ଭାଇ ଭିତରେ ଯୁଦ୍ଧ ! ଦ୍ୱେଷ-ଘୃଣା, ବୈର-ବୈମନସ୍ୟ, ନିଜକୁ ଅନ୍ୟଠାରୁ ବଡ଼ ବୋଲି ଦେଖେଇ ହେବାର ଭାବନା ପ୍ରାୟତଃ ସବୁ ସମ୍ପ୍ରଦାୟର ଅନୁଗାମୀଙ୍କ ମଧ୍ୟରେ ଅଳ୍ପେ-ବହୁତେ ପରିଲକ୍ଷିତ ହୁଏ । ଆମେ ସମସ୍ତେ ଭାଇ-ଭାଇ ହୋଇଥିବାରୁ ଆମର ପାରସ୍ପରିକ ବ୍ୟବହାର କିପରି ହେବା ଉଚିତ ? କ'ଣ ଜଣେ ଭାଇ ଅନ୍ୟ ଭାଇର ତଣ୍ଟି କାଟିବା ଉଚିତ ? ନା, ଦରକାର ପଡ଼ିଲେ ଭାଇ ପାଇଁ ଭାଇ ଆତ୍ମୋତ୍ସର୍ଗ ନିମନ୍ତେ ଆଗେଇ ଆସିବା ଉଚିତ ? ଭାଇକୁ ଭାଇର ଭୟ ହୋଇନଥାଏ । କିନ୍ତୁ ଆଜି ମଣିଷକୁ ହିଁ ମଣିଷ ସମ୍ଭବତଃ ବେଶି ଭୟ କରୁଛି । ପ୍ରଭୁଙ୍କ ଭକ୍ତର ପରିଚୟ ଦେଉଥିବା ମଣିଷ ଉଚ୍ଚ-ନୀଚ, ସ୍ପୃଶ୍ୟ-ଅସ୍ପୃଶ୍ୟ, ସବର୍ଣ୍ଣ-ଅସବର୍ଣ୍ଣ ଆଦି କିଏ ଜାଣେ କେତେ ଯେ ବିଭେଦର ପ୍ରାଚୀର ସମାଜରେ ଠିଆ କରିଦେଇଛି । ଏହି ସ୍ପୃଶ୍ୟ-ଅସ୍ପୃଶ୍ୟର ଭୂତାଣୁ ତ ହିନ୍ଦୁସମାଜକୁ ଜର୍ଜର କରିଦେଇଛି ।

ମଣିଷ ଶରୀର ପାଇବା ତ ଦୁର୍ଲ୍ଲଭ । ତା'ଠୁ ଆହୁରି କଷ୍ଟସାଧ ହେଲା ମଣିଷ ଶରୀର ଧାରଣ କରି ଯଥାର୍ଥରେ ମଣିଷ ହେବା । ବେଦ କହେ— 'ମଣିଷ ଜନ୍ମ, ନରଜନ୍ମ ତ ତୁମେ ପାଇଯାଇଛ, ଯଥାର୍ଥରେ 'ମଣିଷ' ହୁଅ । କେବଳ ନରତନଧାରୀ ହୋଇ ରହ ନାହିଁ, ନରମନଧାରୀ ବି ହୁଅ । ମଣିଷ ହୋଇଗଲେ ତ ସବୁ କିଛି ହୋଇଗଲ । ଯଦି ମଣିଷ ହୋଇପାରିଲ ନାହିଁ ତେବେ ଆଉ ଯାହା କିଛି ହେଲେ ବି ଜୀବନରେ ପୂର୍ଣ୍ଣ ସଫଳତା ନାହିଁ ।'

ମଣିଷ ବିଦ୍ୟାଳୟର ଶିକ୍ଷା ପ୍ରାପ୍ତ କରିଦେଲେ, ପାଠ ଘୋଷି ମୁଖସ୍ଥ କରିଦେଲେ ଯେ ମଣିଷ ହୋଇଯିବ, ଏହା ଜରୁରୀ ନୁହେଁ । ମନୁଷ୍ୟ ହେବା ବି ଏକ ସାଧନା । ଏହା ମାତ୍ର କେତେଟା ବର୍ଷର ସାଧନା ନୁହେଁ, ଅପିତୁ ସାରାଜୀବନର ସାଧନା । ମନୁଷ୍ୟତ୍ୱର ପ୍ରାପ୍ତି ପାଇଁ ମଣିଷକୁ ସତତ ଜାଗରୁକ ରହିବାକୁ ପଡ଼ିଥାଏ, ଆତ୍ମନିରୀକ୍ଷଣ କରିବାକୁ ପଡ଼ିଥାଏ । ସେତେବେଳେ ଯାଇ ମନୁଷ୍ୟ ମନୁଷ୍ୟତ୍ୱର ଅଧିକାରୀ ହୋଇଥାଏ । ଉଚ୍ଚ ସ୍ତରର ମଣିଷ ସଂସାରରେ ମିଳିବା ବଡ଼ କଷ୍ଟକର ।

**ଖ. ଜନୟା ଦୈବ୍ୟଂ ଜନମ୍—** ମଣିଷର କର୍ତ୍ତବ୍ୟ ହେଲା ଯେ ନିଜେ ମଣିଷ ହେବା ଓ ଅନ୍ୟମାନଙ୍କୁ ମନୁଷ୍ୟତ୍ୱର ପ୍ରେରଣା ଦେବା; ନିଜେ ଭଲ ହେବା ଏବଂ ଅନ୍ୟମାନଙ୍କୁ ଭଲ କରିବା । ଯେତେବେଳେ ଜଣେ ନିଜେ ଯେପରି ହୋଇଯାଏ ତ ସେପରି ହିଁ ଅନ୍ୟକୁ ବି ତିଆରି କରିପାରେ । ଜଳୁଥିବା ଦୀପ ହିଁ ଜଳୁନଥିବା ଦୀପକୁ ଜଳାଇ ପାରିଥାଏ । ନିଜେ ଲିଭିଯାଇଥିବା, ଜଳୁନଥିବା ଦୀପ କିପରି ଅନ୍ୟ ଦୀପକୁ ଜଳାଇପାରିବ ? ଦ୍ୱିତୀୟତଃ, ଯଦି ମଣିଷ ନିଜେ ତ ଭଲ ହୁଏ, କିନ୍ତୁ ଅନ୍ୟମାନଙ୍କୁ ଭଲ କରେ ନାହିଁ, ସେଥିପାଇଁ ପ୍ରଯତ୍ନ କରେ ନାହିଁ, ତେବେ ତା'ର ସାଧନା ଅସମ୍ପୂର୍ଣ୍ଣ ରହିଯାଏ । ଯଦି ବ୍ୟକ୍ତି ନିଜେ ତ ଭଲ; କିନ୍ତୁ ନିଜ ସନ୍ତାନଙ୍କୁ ଭଲ କରେ ନାହିଁ ତେବେ ସିଏ ନିଜ ଲକ୍ଷ୍ୟରେ ଅଧା ସଫଳ, ତା'ର ନିଜର ଭବିଷ୍ୟତ ସୁରକ୍ଷିତ ନୁହେଁ, ଦୁଃଖମୟ, ଅନ୍ଧକାରମୟ ।

ଅତଏବ ଆମେ ମଣିଷ ହେବା - ଏହା ଅସମ୍ପୂର୍ଣ୍ଣ କାମ । ନିଜେ ମଣିଷ ହେବା ସହ ଆମେ ଦିବ୍ୟଜନଙ୍କ ନିର୍ମାଣ କରିବା ତ ତେବେ ଯାଇ କାମ ପୂର୍ଣ୍ଣ ହେବ । ଆମେ ସଜ୍ଜନତାର ପାଳନ ପୂର୍ଣ୍ଣ ରୂପେ ସେତେବେଳେ କରିପାରିବା ଯେତେବେଳେ ସମାଜର ବାତାବରଣ ସଜ୍ଜନତା-ସଚ୍ଚରିତ୍ରତାର ହେବ । ଏଥିପାଇଁ ଆମକୁ 'ଦୈବ୍ୟ' ଜନ, ଦେବଚରିତ୍ରର ବ୍ୟକ୍ତି ନିର୍ମାଣ କରିବାକୁ ହେବ ।

ଜନତା ଅର୍ଥାତ୍ ଜନସମାଜ ତ ସେପରି ହିଁ ହେବ ଯେମିତି ତା'ର ବ୍ୟକ୍ତି ହେବେ । କଣ୍ଟା ଗୁନ୍ଥି ତ ଫୁଲମାଳ

ତିଆରି କରାଯାଇପାରିବ ନାହିଁ । ଯେମିତି ଫୁଲ, ସେମିତି ମାଳ । ବ୍ୟକ୍ତିମାନେ ପଥଭ୍ରଷ୍ଟ ହେବେ ତ ପଥଭ୍ରଷ୍ଟ ସମାଜ ତିଆରି ହେବ । ଜନତାଙ୍କ ମଧ୍ୟରୁ ହିଁ ତ ଶାସକ-ବର୍ଗର ଚୟନ ହେବ । ଜନତା ଯେପରି ହେବେ ନେତା ବି ସେପରି ହେବେ । ଯେଉଁ ଯୁଗରେ ଏକାଧିପତ୍ୟ ଥିଲା, ସେତେବେଳେ କୁହାଯାଉଥିଲା ଯେ 'ଯେପରି ରାଜା, ସେପରି ପ୍ରଜା ।' କିନ୍ତୁ ଆଜି ତ ଗଣତନ୍ତ୍ର । ତେଣୁ ଯେପରି ପ୍ରଜା, ସେପରି ରାଜା । ପ୍ରଜା ବୁଦ୍ଧିହୀନ ହୋଇଥିଲେ ସେ ଭିତରୁ ଦିବ୍ୟ ଶାସକଙ୍କ ନିର୍ବାଚନ କେମିତି ହେବ ? ଅତଃ ପ୍ରତ୍ୟେକ ମନୁଷ୍ୟକୁ ନିଜେ ମଣିଷ ହୋଇ 'ଦୈବ୍ୟ ଜନତା' ଉତ୍ପନ୍ନ କରିବାକୁ ହେବ ।

ମଣିଷକୁ ମନୁଷ୍ୟତାର ସକଳ ସାମଗ୍ରୀ ସମାଜରୁ ମିଳିଛି । ତେଣୁ ତା'ର କର୍ତ୍ତବ୍ୟ ଯେ ସିଏ ମଧ୍ୟ ସମାଜକୁ କିଛି ଦେଇ ଯାଉ । ସମାଜର ସବୁ କାର୍ଯ୍ୟ ଦେବଙ୍କ ଆଶ୍ରୟରେ ଚାଲେ । ସୂର୍ଯ୍ୟଦେବ ଆଲୋକ ଦିଅନ୍ତି, ପୃଥିବୀ ଦେବତା ଅନ୍ନ-ବସ୍ତ୍ର-ବାସଗୃହ, ଜଳ ଦେବତା ଶାନ୍ତି-ଶୀତଳତା, ବାୟୁ ଦେବତା ପ୍ରାଣଶକ୍ତି, ବୃକ୍ଷ-ବନସ୍ପତି ଦେବତା ବିବିଧ ଫଳ-ମୂଳ ଆଦି ଦିଅନ୍ତି । ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ ହେଲା ଏପରି ସର୍ବହିତକାରୀ ଦେବଙ୍କ ପ୍ରତ୍ୟୁପକାର, ଅନୁକୂଳ ଆଚରଣ ଅବଶ୍ୟ କରିବା, ସେମାନଙ୍କ ଅପ୍ରୀତିକର, ଅହିତକର କାର୍ଯ୍ୟରୁ ବିରତ ରହିବା । ସେଥିପାଇଁ ଦେବହିତକାରୀ ଜନଙ୍କୁ ଉତ୍ପନ୍ନ କରିବାକୁ ହେବ ।

ସମାଜକୁ ଦେବଚରିତ୍ର କରିବାରେ ଆମେ ଅନେକ ପ୍ରକାର ଭୂମିକା ନିର୍ବାହ କରିପାରିବା । ସନ୍ତାନଙ୍କୁ ଦିବ୍ୟ କରିବା ପାଇଁ ଆମ ସଂସ୍କୃତିର 'ମାତୃମାନ୍-ପିତୃମାନ୍-ଆଚାର୍ଯ୍ୟବାନ୍' ଆଦର୍ଶର ଆବଶ୍ୟକତା ଅଛି ଅର୍ଥାତ୍ ଆଦର୍ଶ ମାତା, ପିତା, ଆଚାର୍ଯ୍ୟଙ୍କ ଭୂମିକା ଆମକୁ ନିର୍ବାହ କରିବାକୁ ହେବ । ଏତଦ୍ ବ୍ୟତୀତ ଜନତାଙ୍କୁ, ସମାଜକୁ ଦିବ୍ୟଗୁଣବିଶିଷ୍ଟ କରିବାରେ ସାଧାରଣ-ସାମାନ୍ୟ ଲୋକଙ୍କର ମଧ୍ୟ ବଡ଼ ଭୂମିକା ଅଛି । ଏହି କାର୍ଯ୍ୟରେ କଥା-ବାର୍ତ୍ତା, ଉପଦେଶ-ବ୍ୟାଖ୍ୟାନ-ସତ୍ସଙ୍ଗ-ଭଜନ-କୀର୍ତ୍ତନ ଆଦିର ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ଅଛି । ପରିବାର ଓ ସମାଜରେ ଆଧ୍ୟାତ୍ମିକ ବାତାବରଣ ନିର୍ମାଣ କରିବା, ଉପଦେଶ ଆଦି ନିଜେ କରିବା ଓ କରାଇବା, ସ୍ୱୟଂ ଶୁଣିବା ଓ ଅନ୍ୟକୁ ଶୁଣାଇବା । ସେତେବେଳେ ଯାଇ ଦିବ୍ୟଜନଙ୍କ ନିର୍ମାଣ ହେବ ।

❖❖❖

## ପ୍ରଗତି ପଥେ ବେଦଧାମ ନିର୍ମାଣ କାର୍ଯ୍ୟ

ଅତୀବ ଆନନ୍ଦର ବିଷୟ ଯେ କରୋନା କାରଣରୁ ବନ୍ଦ ହୋଇଯାଇଥିବା ବେଦଧାମ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଦ୍ରୁତଗତିରେ ଆଗେଇ ଚାଲିଛି । ପ୍ରଥମ ପର୍ଯ୍ୟାୟରେ ବାନପ୍ରସ୍ଥ-ସାଧକ ଆଶ୍ରମ ନିର୍ମାଣ ଚାଲିଛି । ଏଥିରେ ହେବାକୁ ଥିବା ୪୮ଟି କକ୍ଷରୁ ଅଧିକାଂଶ ପୂର୍ଣ୍ଣ ଅଥବା ଅଗ୍ରୀମ ସହଯୋଗ ରାଶି ଦେଇ ଆରକ୍ଷିତ ହୋଇସାରିଛି । ଅଳ୍ପ କେତୋଟି ଉପଲବ୍ଧ ଅଛି । ଯେଉଁମାନେ ପୂର୍ଣ୍ଣ ଅଥବା ଅଗ୍ରୀମ ସହଯୋଗ ରାଶି ଦେଇ ଆରକ୍ଷଣ କରିବାକୁ ଚାହୁଁଛନ୍ତି ସେମାନେ ଦୟାକରି ନିମ୍ନ ଚଳଭାଷ ନମ୍ବରରେ ଯୋଗାଯୋଗ କରନ୍ତୁ ।

**ସମ୍ପାଦକ**

**୯୮୬୧୩୩୫୩୨୧/୭୦୦୮୦୫୮୨୪୨**

ସିଦ୍ଧାନ୍ତ ଚର୍ଚ୍ଚା:

# ମୁକ୍ତିରୁ ପୁନରାବୃତ୍ତି

**ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ**

## ମୁକ୍ତି ନାମରେ ଠକାମି

ବିଭିନ୍ନ ମତର ଆଧୁନିକ ଆଚାର୍ଯ୍ୟମାନଙ୍କ ମଧ୍ୟରେ ଋଷି ଦୟାନନ୍ଦଙ୍କ ବ୍ୟତୀତ ଅନ୍ୟ କେହି ବି ଏପରି ନାହାନ୍ତି ଯିଏ କି ମୁକ୍ତ ଆତ୍ମାମାନଙ୍କର ସଂସାରକୁ ପୁଣି ଫେରିଆସିବା କଥାକୁ ସ୍ୱୀକାର କରନ୍ତି ଏବଂ ଏହି ଆଚାର୍ଯ୍ୟମାନଙ୍କ ମତରେ ପ୍ରାଚୀନ ଋଷି-ମୁନି ବି ପୁନରାବୃତ୍ତିକୁ ସ୍ୱୀକାର କରୁନଥିଲେ । ଏହିପରି ଭାବେ ଋଷି ଦୟାନନ୍ଦଙ୍କ ମତ ଏ ବିଷୟରେ ସମସ୍ତଙ୍କଠାରୁ ଭିନ୍ନ ।

ଯଦ୍ୟପି ମୁକ୍ତିର ଇଚ୍ଛା ସମସ୍ତଙ୍କର ଥାଏ, ତଥାପି ମୁକ୍ତି କିପରି ପଦାର୍ଥ ଏହାର ସାମାନ୍ୟ ଜ୍ଞାନ ବି ଲୋକଙ୍କର ନାହିଁ । ଆଶ୍ଚର୍ଯ୍ୟର କଥା ହେଉଛି କି ଯେଉଁ ବସ୍ତୁକୁ ଆମେ ଚାହୁଁ, ତାହାକୁ ଚିହ୍ନି ନାହୁଁ । ମନେକରନ୍ତୁ ଯେ ମୁଁ ବଜାରରୁ ପାଲୁଅ ଆଣିବାକୁ ଯାଉଛି । ମୁଁ ପାଲୁଅର ଅନେକ ପ୍ରଶଂସା ଶୁଣିଛି । ମୋର ମନରେ ପାଲୁଅ ଖାଇବାକୁ ବହୁତ ଉତ୍କଣ୍ଠା ରହିଛି । କିନ୍ତୁ ମୁଁ ଜାଣେ ନାହିଁ ଯେ ପାଲୁଅ କେଉଁ ଜାତି ସହ ସମ୍ବନ୍ଧିତ ଓ ତାହାର ବାସ୍ତବିକ ସ୍ୱରୂପ କ'ଣ ? ଏପରି ସ୍ଥିତିରେ ଯଦି କେହି ମୋତେ ପାଲୁଅ ବଦଳରେ ଓଲୁଅ ଦେଇଦେବ ତେବେ ମୁଁ କିପରି ଚିହ୍ନିବି ଯେ ଏହା ପାଲୁଅ ନୁହେଁ? ମୁକ୍ତି ବିଷୟରେ ବି ଠିକ୍ ଏହି ଅବସ୍ଥା । ପ୍ରତି ବର୍ଷ ଲକ୍ଷ ଲକ୍ଷ ଲୋକ ଗଙ୍ଗାସ୍ନାନ କରିବାକୁ ଯାଆନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କର ବାସ୍ତବିକ ଧାରଣା ଏହା ଯେ ଗଙ୍ଗାସ୍ନାନ କଲେ ମୁକ୍ତି ମିଳିବ । ଯଦି ଏପରି ଧାରଣା ନ ଥାନ୍ତା ତେବେ ଏତେ ସଂଖ୍ୟକ ନରନାରୀ ଯାତ୍ରାଜନିତ ଏତେ କଷ୍ଟ ସ୍ୱୀକାର କରି ସ୍ନାନ ପାଇଁ ଯାଆନ୍ତେ ନାହିଁ । କିନ୍ତୁ କ'ଣ ତାଙ୍କୁ ଜଣା ଯେ ମୁକ୍ତି କିପରି ବସ୍ତୁ, ଯାହାର ପ୍ରାପ୍ତି ପାଇଁ ସେମାନେ ଏତେ କଷ୍ଟ ସ୍ୱୀକାର କରୁଛନ୍ତି ? ସେମାନେ ଏତିକି ତ ବୁଝନ୍ତି କି ମୁକ୍ତି ଏପରି କୌଣସି ଏକ ବସ୍ତୁ, ଯାହାର ସମ୍ବନ୍ଧ ପରଲୋକ ସହିତ ଅଛି ଓ ତାହା ମୃତ୍ୟୁ ପରେ ହିଁ ମିଳିପାରେ । କିନ୍ତୁ ସେମାନେ ଯଦି ଜାଣନ୍ତେ ଯେ ଯିଏ ଗଙ୍ଗାରେ ସ୍ନାନ ପାଇଁ ପ୍ରବେଶ କରିବ ତତ୍‌କ୍ଷଣାତ୍ ତା'ର ମୁକ୍ତି ହୋଇଯିବ, ତେବେ ମୋ ବିଚାରରେ ସେହି ଲକ୍ଷ ଲକ୍ଷ ଲୋକଙ୍କ ମଧ୍ୟରୁ କେହି ଜଣେ ବି ସ୍ନାନ କରିବାକୁ ଯାଆନ୍ତେ ନାହିଁ କିମ୍ବା ସ୍ନାନ ନ କରି ରାସ୍ତାରୁ ହିଁ ଫେରିଆସନ୍ତେ । କାହିଁକି ? ଏଇଥିପାଇଁ କି ମୁକ୍ତି ସମ୍ବନ୍ଧୀୟ ଭାବନା ଅତ୍ୟନ୍ତ ଅନିଶ୍ଚିତ ଓ କୁହୁଡ଼ି ସଦୃଶ । ଏହି କାରଣରୁ ହିଁ ମୁକ୍ତି ପ୍ରାୟ ଚୋରାବଜାରର ବସ୍ତୁ ହୋଇ ରହିଛି । କେହି ତ ଜାଣନ୍ତି ନାହିଁ ଯେ ମୁକ୍ତି କି ପଦାର୍ଥ, ଏଣୁ ମୁକ୍ତିର ବ୍ୟାପାରୀମାନେ ଭିନ୍ନ-ଭିନ୍ନ ବସ୍ତୁକୁ ମୁକ୍ତି ନାମରେ ବିକି ଦିଅନ୍ତି । ଯେତିକି ଠକାମୀ ମୁକ୍ତି ବିଷୟରେ ହୋଇଥାଏ ସମ୍ଭବତଃ ଅନ୍ୟ କୌଣସି ବିଷୟରେ ସେତେ ହୁଏ ନାହିଁ ।

ମୁକ୍ତିରୁ ପୁନରାବୃତ୍ତି ହୋଇଥାଏ ନା ନାହିଁ, ଏହା ବିଚାର କରିବା ପାଇଁ ଆମକୁ ମୁକ୍ତିର ବାସ୍ତବିକ ସ୍ୱରୂପକୁ ଜାଣିବାକୁ ହେବ । ତେବେ ଯାଇ ଆମେ ଜାଣିପାରିବା ଯେ ମୁକ୍ତି ପରେ ଆମର କ'ଣ ହେବ ?

କୁହାଯାଏ ଯେ ମୁକ୍ତି ଅନ୍ତିମ ଧ୍ୟେୟ ଯାହା ପାଇଁ ମନୁଷ୍ୟ ସାରା ଜୀବନ ପ୍ରଯତ୍ନ କରିବା ଆବଶ୍ୟକ ଅର୍ଥାତ୍

ଆମର ଜୀବନଯାତ୍ରାର ଅନ୍ତିମ ଲକ୍ଷ୍ୟ ମୁକ୍ତି । ଯଦି ଏହା ଠିକ୍ ତେବେ ଆମକୁ ଏହା ବି ଦେଖିବାକୁ ହେବ ଯେ ଆମେ ଯାତ୍ରୀ କିଏ ? ଯାତ୍ରୀ, ଯାତ୍ରା ଓ ଲକ୍ଷ୍ୟସ୍ଥଳ ଏହି ତିନୋଟି ନିଶ୍ଚିତ ହେବା ଆବଶ୍ୟକ ! ଯାତ୍ରାର ଲକ୍ଷ୍ୟ ଯାତ୍ରୀର ସ୍ୱରୂପର ହିଁ ଅନୁରୂପ ହେବ ।

ମୁକ୍ତିର ଅର୍ଥ ପୃଥକ୍ ହେବା । ଏହାର ବିପରୀତ ହେଉଛି ବନ୍ଧ । ଏଣୁ ବନ୍ଧ ଓ ମୋକ୍ଷ ଉଭୟେ ପରସ୍ପର ବିପରୀତ ଅଟନ୍ତି । ବସ୍ତୁତଃ ମୁକ୍ତି ବା ମୋକ୍ଷ ନିଷେଧାତ୍ମକ ଶବ୍ଦ ଅଟେ ଅର୍ଥାତ୍ ବନ୍ଧ ନ ରହିବାକୁ ମୁକ୍ତି କୁହାଯାଏ । କିନ୍ତୁ ବାସ୍ତବରେ ବନ୍ଧ ସେହି ଅବସ୍ଥାର ନାମ ଯେତେବେଳେ ସ୍ୱତନ୍ତ୍ରତା ରହେ ନାହିଁ । ଏଣୁ ଏହା ବି ଦେଖିବାକୁ ହେବ ଯେ ସ୍ୱତନ୍ତ୍ରତାର ବାଧକ କ'ଣ କ'ଣ କାରଣ ରହିଛି ?

ଏହା ଶୁଣି ପାଠକବର୍ଗ ଆଶ୍ଚର୍ଯ୍ୟ ହେବେ ଯେ ବେଦରେ ମୁକ୍ତି ବା ମୋକ୍ଷ ଶବ୍ଦ ଦୃଷ୍ଟିଗୋଚର ହୁଏ ନାହିଁ । କେବଳ ନିମ୍ନୋକ୍ତ ମନ୍ତ୍ରରେ 'ମୁଚ୍' ଧାତୁର ଏକ ଲକାର ପ୍ରୟୋଗ ହୋଇଛି —

**ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ୍ । ଉର୍ବାରୁକମିବ ବନ୍ଧନାନ୍ମୃତ୍ୟୋର୍ମୁକ୍ଷୀୟ ମାମୃତାତ୍ ॥** (ଋକ୍. ୭:୫୯:୧୨)

ଏଠାରେ ଈଶ୍ୱରଙ୍କୁ ପ୍ରାର୍ଥନା କରାଯାଇଛି କି ଯେଉଁଭଳି ପାଚିଲା ଫଳଟିଏ ନିଜ ବନ୍ଧନରୁ ବିନା ବାଧାରେ ଝଡ଼ିପଡ଼େ, ସେହିପରି ମୁଁ ବି ଯେତେବେଳେ ଏହି ଶରୀର ରୂପୀ ବନ୍ଧନରୁ ମୁକ୍ତ ହେବି ମୋତେ କୌଣସି ପ୍ରକାର କ୍ଲେଶ ନ ହେଉ; କିନ୍ତୁ ମୁଁ ଅମୃତରୁ ଯେପରି ବଞ୍ଚିତ ନ ହେବି ।

ସମ୍ଭବତଃ ମୁକ୍ତି ବା ମୋକ୍ଷର ଭାବ ଏହିଠାରୁ ନିଆଯାଇଛି । ପରନ୍ତୁ ପରବର୍ତ୍ତୀ ଦାର୍ଶନିକମାନେ ମୁକ୍ତି ବିଷୟରେ ଯେଉଁ ମୀମାଂସା କରିଯାଇଛନ୍ତି, ତାହା ଏହି ମନ୍ତ୍ର ସହ ଅଧିକ ସମ୍ବନ୍ଧ ରଖେ ନାହିଁ । ବେଦରେ ମୁକ୍ତି ସ୍ଥାନରେ ପରମପଦ ବା ଏହିପରି ଅନ୍ୟ ଶବ୍ଦ ବ୍ୟବହୃତ ହୋଇଛି । ଯଥା —

**ତଦ୍ ବିଷ୍ଣୋଃ ପରମଂ ପଦଂ ସଦା ପଶ୍ୟନ୍ତି ସୂରୟଃ ।** (ଯଜୁଃ. ୬:୫)

ଏଥିରୁ ଜଣାଯାଏ ଯେ ବ୍ରହ୍ମଙ୍କର ପରମପଦରେ ପହଞ୍ଚିବା ଜୀବନର ଧ୍ୟେୟ ଅଟେ ।

ଜୀବନର ଧ୍ୟେୟକୁ ବୁଝିବାକୁ ହେଲେ ଜୀବନର ସ୍ୱରୂପ ଉପରେ ଦୃଷ୍ଟିପାତ କରିବାକୁ ହେବ, କାରଣ ଜୀବର ସ୍ୱରୂପ ଉପରେ ହିଁ ତାହାର ଅନ୍ୟ ବ୍ୟବହାର ଓ କାର୍ଯ୍ୟକୁ ଆଶ୍ରିତ କରିବାକୁ ହେବ । କୌଣସି ବସ୍ତୁ ସେହି କାର୍ଯ୍ୟକୁ ସମ୍ପାଦନ କରିପାରେ ନାହିଁ, ଯାହାର ତା' ଭିତରେ ବୀଜଶକ୍ତି ନାହିଁ । ସେହିପରି ଜୀବ ସେହି ପରମପଦକୁ ପ୍ରାପ୍ତ କରିପାରେ ନାହିଁ ଯାହା ତା'ର ଆନ୍ତରିକ ସ୍ୱରୂପରେ ବୀଜରୂପେ ବିଦ୍ୟମାନ ନୁହେଁ । ଆପଣ ଚକ୍ଷୁର ଦୃଷ୍ଟି ଶକ୍ତିକୁ ସର୍ବୋଚ୍ଚ ସୀମା ପର୍ଯ୍ୟନ୍ତ ନେଇଯାଇପାରନ୍ତି, କାରଣ ଚକ୍ଷୁରେ ବୀଜରୂପରେ ଦର୍ଶନ ଶକ୍ତି ବିଦ୍ୟମାନ ରହିଛି । ଯଦି ଆପଣ ଦାନ୍ତକୁ ଉନ୍ନତ କରି ତା' ଦ୍ୱାରା ଦେଖିବାର କାର୍ଯ୍ୟ କରିବାକୁ ଚାହିଁବେ ତେବେ ବି ଦାନ୍ତକୁ ଦର୍ଶନ ଯନ୍ତ୍ର କରିପାରିବେ ନାହିଁ, କାରଣ ଦାନ୍ତରେ ଦର୍ଶନ ଶକ୍ତିର ବୀଜ ମାତ୍ର ବି ନାହିଁ । ଗହମର ବୀଜ ସର୍ବୋତ୍କୃଷ୍ଟ ଗହମ ହୋଇପାରେ ଏବଂ ବବୁଲ୍‌ର ବବୁଲ, ଅନ୍ୟଥା ନୁହେଁ । ଏଣୁ ମୋକ୍ଷ ବା ପରମପଦ ବିଷୟରେ ଉହାପୋହ କରିବା ପୂର୍ବରୁ ଆମେ ଜୀବର ସ୍ୱରୂପ ସମ୍ବନ୍ଧରେ ଚିନ୍ତନ କରିବା ଉଚିତ ।

## ଜୀବ ସମ୍ବନ୍ଧରେ ଭ୍ରମ

ଯେଉଁପରି ମୋକ୍ଷ ସମ୍ବନ୍ଧରେ ଅନେକ ଭ୍ରମ ରହିଛି ସେହିପରି ଜୀବ ସମ୍ବନ୍ଧରେ ମଧ୍ୟ ମତୈକ୍ୟ ନାହିଁ । ଆସନ୍ତୁ କିଛି ଆଚାର୍ଯ୍ୟଙ୍କ ବିଚାରଧାରାକୁ ଅନୁଶୀଳନ କରିବା

ଏବଂ ଦେଖିବା ଯେ ଏସବୁ କେଉଁ ଦିଗରେ ଯାଉଛି ? ପ୍ରଥମେ ଚାର୍ବାକ୍‌ଙ୍କ ମତ ବିଷୟରେ ଆଲୋଚନା କରାଯାଉ । ଚାର୍ବାକ୍‌ଙ୍କର ଶାସ୍ତ୍ରର ପ୍ରଥମ ତିନୋଟି ସୂତ୍ର ହେଉଛି —

**୧. ଅଥ ତତ୍ତ୍ୱଂ ବ୍ୟାଖ୍ୟାସ୍ୟାମଃ ।**

**୨. ପୃଥିବ୍ୟପ୍‌ତେଜୋବାୟୁରିତି ତତ୍ତ୍ୱାନି ।**

**୩. ତେଭ୍ୟଶ୍ଚୈତନ୍ୟଂ କିଣ୍ୱାଦିଭ୍ୟୋ ମଦଶକ୍ତିବତ୍ ।**

ଅର୍ଥାତ୍ ପୃଥିବୀ, ଜଳ, ଅଗ୍ନି, ବାୟୁ - ଏହି ଚାରି ତତ୍ତ୍ୱର ସଂଘାତରୁ ଚେତନା ଉତ୍ପନ୍ନ ହୁଏ, ଯେଉଁଭଳି ଯବ ଆଦିର ମିଶ୍ରଣରେ ମଦରେ ମାଦକତା ଉତ୍ପନ୍ନ ହୋଇଥାଏ ।

## ଚାର୍ବାକ୍‌ଙ୍କ ମତରେ ବିନାଶ ହିଁ ମୁକ୍ତି

ଚାର୍ବାକ୍‌ଙ୍କ ସମସ୍ତ ସୂତ୍ର ଉପଲବ୍ଧ ନୁହେଁ । ଅତଃ କୁହାଯାଇପାରିବ ନାହିଁ ଯେ ଜୀବର ଚେତନତା ଉତ୍ପନ୍ନ କରିବା ପାଇଁ ଏହି ଚାରୋଟି ତତ୍ତ୍ୱ କିପରି ମିଶିଗଲେ ଏବଂ ଏମାନଙ୍କୁ ପୁଣି କିପରି ପୃଥକ୍ କରାଯାଇପାରିବ ? କିନ୍ତୁ ଏଗୁଡ଼ିକ ଅଲଗା ହେବା ସଙ୍ଗେସଙ୍ଗେ ଯଦି ଚେତନତା ବି ସମାପ୍ତ ହୋଇଯାଏ, ତେବେ ମୃତ୍ୟୁ ହିଁ ନିଷେଧାତ୍ମକ ମୁକ୍ତି ଅଟେ । ବନ୍ଧନର ସମାପ୍ତି ଏଠାରେ ହିଁ ହୋଇଯାଏ । କାରାବାସର ସମାପ୍ତି ହିଁ  ଅପରାଧୀର ସମାପ୍ତି ଅଟେ, କାରଣ ଅପରାଧୀ ବନ୍ଧନରୁ ଅଲଗା ନୁହେଁ । ଏହି ମୁକ୍ତି ପଶୁ-ପକ୍ଷୀମାନଙ୍କୁ ମଧ୍ୟ ଅନାୟାସରେ ଉପଲବ୍ଧ ହୁଏ । ଏଥିପାଇଁ କୌଣସି ପ୍ରଯତ୍ନ, ସଦାଚାର, ଜପ, ତପର ଆବଶ୍ୟକତା ନାହିଁ । ଯୋଗୀ ଓ ଭୋଗୀ ଉଭୟେ ସମାନ । ଏପରି ମୁକ୍ତିରୁ ପୁନରାବୃତ୍ତି ପ୍ରଶ୍ନର ବି କୌଣସି ସମ୍ବନ୍ଧ ନାହିଁ । ଏ କ୍ଷେତ୍ରରେ ପ୍ରଶ୍ନ ହିଁ ଅସଂଗତ । ଯାହାର ଅସ୍ତିତ୍ୱ ହିଁ ନାହିଁ ସେ ପୁଣି ଫେରିବ କ'ଣ ? ଚାର୍ବାକ୍ ମହୋଦୟ ଏହି ଦାର୍ଶନିକ ତତ୍ତ୍ୱର ଆଧାର ଉପରେ ଆଚାର ଶାସ୍ତ୍ରର ଭିତ୍ତି କିପରି ସ୍ଥାପିତ କରୁଥିଲେ ଜଣା ନାହିଁ, କିନ୍ତୁ ତାଙ୍କର ଦର୍ଶନ ଅନୁସାରେ ପରମପଦ କୌଣସି ବସ୍ତୁ ନୁହେଁ । ବିନାଶର ନାମ ହିଁ ମୁକ୍ତି । ଜୀବ ନା ଆସେ, ନା ଯାଏ । କେବଳ ତତ୍ତ୍ୱମାନଙ୍କର ବିଶେଷ ସଂଘାତର ନାମ ଜୀବ ରଖି ଦିଆଯାଇଛି । ଏହି ସଂଘାତ ଏକ ଅର୍ଥରେ ପୁଣି ବି ଫେରିବା ଅଟେ, କାରଣ ଥରେ ଜୀବନ ସମାପ୍ତ କରି ତତ୍ତ୍ୱଗୁଡ଼ିକର ଯେଉଁ ସଂଘାତ ଏଣେତେଣେ ହୋଇଗଲା ଏବଂ ତତ୍ତ୍ୱଗୁଡ଼ିକ ନିଜର ମୂଳ ସ୍ୱରୂପକୁ ଫେରି ଆସିଲେ, ସେମାନେ ପୁଣି ମିଶି ଅନ୍ୟ ଜୀବନ ନିର୍ମାଣ କରିଦିଅନ୍ତି । ବୋଧହୁଏ ଚାର୍ବାକ୍ ଏପରି ତ ମାନୁ ନାହାନ୍ତି ଯେ ଯେଉଁ ତତ୍ତ୍ୱଗୁଡ଼ିକ ଥରେ ଚୈତନ୍ୟ ଉତ୍ପନ୍ନ କରିଦେଲେ ସେମାନେ ପୁଣି କେତେବେଳେ ଅନ୍ୟ ଚୈତନ୍ୟ ଉତ୍ପନ୍ନ କରିପାରିବେ ନାହିଁ । ଏହା ଅବଶ୍ୟ ପୃଥକ୍ ବିଷୟ ଯେ ଏହି ଚେତନତାକୁ ପୂର୍ବ ଚେତନାର କୌଣସି ଜ୍ଞାନ ନ ଥିବ ।

ବର୍ତ୍ତମାନ ବୌଦ୍ଧ ମତକୁ ବିଚାରକୁ ନିଅନ୍ତୁ । ମହାତ୍ମା ବୁଦ୍ଧ ଜୀବର ଅସ୍ତିତ୍ୱକୁ କେଉଁଠି ବି ସ୍ପଷ୍ଟ ଭାବେ ସ୍ୱୀକାର କରିନାହାନ୍ତି । ସେ ଉଚ୍ଛେଦବାଦ ଓ ଶାଶ୍ୱତବାଦ ଉଭୟଙ୍କୁ ଅସ୍ୱୀକାର କରିଛନ୍ତି । କିନ୍ତୁ ନାଗାର୍ଜୁନ ଆଦି ବୌଦ୍ଧ ଦାର୍ଶନିକମାନେ ଜୀବର ତାତ୍ତ୍ୱିକ ସତ୍ତାକୁ ସ୍ପଷ୍ଟ ରୂପେ ଅସ୍ୱୀକାର କରିଛନ୍ତି । ବୌଦ୍ଧମାନଙ୍କ ଦୃଷ୍ଟିରେ ଚୈତନ୍ୟ, ଦୀପର ଶିଖାପରି କ୍ଷଣିକ ଏବଂ ଏହି ଶିଖା ପୂର୍ଣ୍ଣତଃ ଲିଭିଯିବା ହିଁ 'ନିର୍ବାଣ' ଅଟେ । ଜୀବର ସତ୍ତାକୁ ସମସ୍ୟା ଭିତରେ ପୂରାଇ ବୌଦ୍ଧମାନେ 'ନିର୍ବାଣ'ର ସ୍ୱରୂପକୁ ମଧ୍ୟ ସମସ୍ୟା ଭିତରେ ଛାଡ଼ିଦେଲେ । ବସ୍ତୁତଃ କ୍ଷଣିକବାଦରେ ନା ମୁକ୍ତିର କୌଣସି ସ୍ଥାନ ଅଛି ନା ତା' ପରେ ପୁନରାବୃତ୍ତିର । 'ନିର୍ବାଣ' ଶବ୍ଦ ହିଁ ସେମାନଙ୍କର ଅନିଶ୍ଚିତତାକୁ ପ୍ରକଟ କରିବା ପାଇଁ ଯଥେଷ୍ଟ । ଚାର୍ବାକ୍ ମୁକ୍ତି ପାଇଁ ପ୍ରୟାସ କରନ୍ତି ନାହିଁ । ବୁଦ୍ଧ ଜୀବନର ପବିତ୍ରତା

ଉପରେ ଗୁରୁତ୍ୱ ଆରୋପ କରନ୍ତି । କିନ୍ତୁ ମୁକ୍ତି ପରେ ଜୀବ ରହେ ନା ନାହିଁ ଏବଂ ଯଦି ରହେ ତେବେ କେଉଁ ଅବସ୍ଥାରେ, ଏହାର କୌଣସି ଦାର୍ଶନିକ ବିବେଚନା କରନ୍ତି ନାହିଁ । ବସ୍ତୁତଃ ବୌଦ୍ଧ ବିଚାର କ୍ଷଣିକତ୍ୱର ଗଭୀର ଗର୍ତ୍ତରେ ବୁଡ଼ିଯାଏ ଏବଂ ସାଧାରଣ ଜନତାଙ୍କ ପାଇଁ କେବଳ ଭ୍ରମମୂଳକ ନିରାଧାର Mythology ହିଁ ଶେଷରେ ରହିଯାଏ ।

## ଶାଙ୍କର ମତ - ବ୍ରହ୍ମ ଓ ଭ୍ରମ

ଭାରତୀୟ ଧାର୍ମିକ ସମ୍ପ୍ରଦାୟମାନଙ୍କ ମଧ୍ୟରେ ଶାଙ୍କର ମତର ସବୁଠାରୁ ଅଧିକ ସମ୍ମାନ ରହିଛି । ଶଙ୍କର ସ୍ୱାମୀ ଜଗତର ମିଥ୍ୟାତ୍ୱ ଏବଂ ଜୀବ-ବ୍ରହ୍ମଙ୍କର ଏକତ୍ୱକୁ ସ୍ୱୀକାର କରନ୍ତି । ତାଙ୍କ ମତରେ ଜୀବର କୌଣସି ବିଶେଷ ସ୍ଥାନ ନାହିଁ । ଜୀବ କେବେ ବି ବ୍ରହ୍ମଙ୍କଠାରୁ ଭିନ୍ନ ନ ଥିଲା, ବର୍ତ୍ତମାନ ନାହିଁ କି କେବେ ରହିବ ନାହିଁ । ଜୀବର ଜୀବତ୍ୱ ଭ୍ରମମୂଳକ ଅଟେ । ଅବିଦ୍ୟାବଶତଃ ଜୀବ ନିଜକୁ ଜୀବ ବୋଲି ବିଚାରି ନେଇଛି । ବସ୍ତୁତଃ ସେ ବ୍ରହ୍ମ ହିଁ ଅଟେ । ଯେଉଁଦିନ ଏହି ଜ୍ଞାନ ହୋଇଯିବ ସେହି ଦିନ ମୁକ୍ତି ହୋଇଯିବ ଅର୍ଥାତ୍ ଜୀବତ୍ୱର ଭାବନାର ନିବୃତ୍ତି ଓ ବ୍ରହ୍ମ ହେବାର ଜ୍ଞାନର ଉତ୍ପତ୍ତି ହିଁ ମୁକ୍ତି । ମୁକ୍ତି ପରେ ଜୀବ ଜୀବ ହୋଇ ରହେ ନାହିଁ, ପୁଣି ପୁନରାବୃତ୍ତିର ପ୍ରଶ୍ନ ଉଠୁଛି କୁଆଡୁ ? ବସ୍ତୁତଃ ଯଦି ଦେଖାଯାଏ ତେବେ ଶାଙ୍କର ବେଦାନ୍ତର ମୁକ୍ତି ଏବଂ ବୌଦ୍ଧ ତଥା ଚାର୍ବାକଙ୍କ ମୁକ୍ତିର ସ୍ୱରୂପରେ କୌଣସି ତାତ୍ତ୍ୱିକ ଭିନ୍ନତା ନାହିଁ, ମୁକ୍ତିର ସାଧନରେ ପାର୍ଥକ୍ୟ ରହିଛି । କଥା ହେଉଛି ଶଙ୍କର ସ୍ୱାମୀଙ୍କ ମନରେ ଦୁଇଟି ବିଚାର କାର୍ଯ୍ୟ କରୁଥିଲା । ଗୋଟିଏ ହେଲା ବେଦର ଉଦ୍ଧାର କରିବା ଭାବନା ଓ ଅନ୍ୟଟି ହେଲା ବୌଦ୍ଧ ଦର୍ଶନର ପ୍ରଭାବ । ତାଙ୍କର ଗୁରୁ ଶ୍ରୀଗୋବିନ୍ଦାଚାର୍ଯ୍ୟ ଓ ପିତାମହଗୁରୁ ଗୌଡ଼ପାଦାଚାର୍ଯ୍ୟ ଉଭୟେ ନାଗାର୍ଜୁନଙ୍କ ମାଧ୍ୟମିକ ସୂତ୍ର ଦ୍ୱାରା ଅତ୍ୟନ୍ତ ପ୍ରଭାବିତ ଥିଲେ । ତର୍କରେ ଏ ଉଭୟ ଦର୍ଶନ ଅତ୍ୟନ୍ତ ନିକଟତର - ଏକା ଦୃଷ୍ଟାନ୍ତ, ଏକା ବିଚାର ଶୈଳୀ; କେବଳ ସିଦ୍ଧାନ୍ତରେ ପ୍ରଭେଦ । ଶଙ୍କର ସ୍ୱାମୀ ନିଜର ସିଦ୍ଧାନ୍ତ ସେହି ଯୁକ୍ତିର ଆଧାରରେ କରିଥିଲେ ଏବଂ ବେଦ ତଥା ଉପନିଷଦର ବାକ୍ୟଗୁଡ଼ିକର ବ୍ୟାଖ୍ୟାନ ମଧ୍ୟ ସେସବୁର ଆଧାରରେ ହିଁ କଲେ । ତାଙ୍କ ସିଦ୍ଧାନ୍ତରେ ବୈଦିକ କର୍ମବାଦ, ବୈଦିକ ପୁନର୍ଜନ୍ମବାଦ ଓ ବୈଦିକ ମୁକ୍ତିର ଶୂନ୍ୟବାଦ ସହିତ ଏକ ବିଚିତ୍ର ସମ୍ମିଶ୍ରଣ ପ୍ରତୀତ ହୁଏ ଯାହାକି ମାୟାବାଦ ରୂପରେ ଆର୍ବିଭୂତ ହୋଇଛି । ଶଙ୍କରାଚାର୍ଯ୍ୟଙ୍କ ଦାର୍ଶନିକ ମତର ଖଣ୍ଡନ ଯମୁନାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ନିମ୍ବକାଚାର୍ଯ୍ୟ ପର୍ଯ୍ୟନ୍ତ ସମସ୍ତ ଆଚାର୍ଯ୍ୟ ଏବଂ ସେମାନଙ୍କର ଶିଷ୍ୟମାନଙ୍କ ଦ୍ୱାରା ପ୍ରବଳ ଭାବେ କରାଗଲା, ଯେଉଁଥିରେ ଏହା ଦର୍ଶାଯାଇଛି କି ଶାଙ୍କର ମତରେ ମୁକ୍ତି ନିମନ୍ତେ କୌଣସି ସ୍ଥାନ ହିଁ ନାହିଁ । କାରଣ, ଯେଉଁ ହେତୁ ବନ୍ଧନ ପାଇଁ ଦର୍ଶାଯାଇଛି ସେଥିରୁ ନିବୃତ୍ତି ହେବା ଅସମ୍ଭବ । ଶଙ୍କର ସ୍ୱାମୀଙ୍କ ବ୍ରହ୍ମ ନିର୍ବିଶେଷ ଚୈତନ୍ୟ ଅଟନ୍ତି । ନିର୍ବିଶେଷ ଚୈତନ୍ୟ ଉପାଧି ଦ୍ୱାରା କିପରି ଆଚ୍ଛାଦିତ ହେବେ ଏବଂ ଯଦି ବି ହୋଇଯାନ୍ତି ତେବେ ଉପାଧିଗୁଡ଼ିକର ନିବୃତ୍ତି କିପରି ହେବ ? ମାଧବ ମୁକୁନ୍ଦ "ପରପକ୍ଷଗିରିବଜ୍ର"ରେ ଅକାଟ୍ୟ ତର୍କ ଦ୍ୱାରା ଏହାର ପ୍ରତିପାଦନ କରିଛନ୍ତି । କିନ୍ତୁ ଆମେ ଏଠାରେ ଏହି ବିଷୟର ମୀମାଂସା କରୁନାହୁଁ ଯେ ଶାଙ୍କର ମତରେ ମୁକ୍ତି ସଂଗତ ନା ଅସଂଗତ । ଆମର ତ କେବଳ ଏତିକି ହିଁ ପ୍ରୟୋଜନ ଯେ ଶାଙ୍କର-ମତରେ ଜୀବର ବ୍ୟକ୍ତିତ୍ୱର ଅସ୍ତିତ୍ୱ ହିଁ ନାହିଁ, କେବଳ ଭ୍ରମ ମାତ୍ର ଅଛି । ମୋକ୍ଷରେ ସେହି ଭ୍ରମ ବି ଦୂର ହୋଇଯାଏ । ଅତଃ ନା ଜୀବ ରହିଲା, ନା ମୋକ୍ଷ, ନା ସେଥିରୁ ପୁନରାବୃତ୍ତି । ଏହା ବି କୁହାଯାଇ ପାରିବ ନାହିଁ କି ଅମୁକ ଋଷି, ମୁନି ବା ଆଚାର୍ଯ୍ୟଙ୍କର ମୁକ୍ତି ହୋଇଗଲା, କାରଣ ମାୟା ବର୍ତ୍ତମାନ ବି ସ୍ୱ-କାର୍ଯ୍ୟ କରୁଛି ଏବଂ ଅନେକ ଜୀବ ଯେଉଁମାନେ କି ବାସ୍ତବରେ ବ୍ରହ୍ମ ଅଟନ୍ତି ନିଜକୁ ଜୀବ ବୋଲି ଭାବୁଛନ୍ତି । ଅନ୍ୟ

ଏକ ବିଷୟ ଏହା ଯେ ଯଦି ଉପାଧିମାନଙ୍କର ଆଶ୍ରୟ ଅନ୍ତଃକରଣ ହୁଏ, ତେବେ ବନ୍ଧନ ଓ ମୁକ୍ତି ପ୍ରତିକ୍ଷଣ ହୋଇଚାଲିଛି ଏବଂ କ୍ଷଣିକ ମୁକ୍ତିର ଅର୍ଥ ହିଁ ପୁନରାବୃତ୍ତି । କିନ୍ତୁ ପୁନରାବୃତ୍ତିର ପ୍ରଶ୍ନ ମୁଖ୍ୟତଃ ତାହାଙ୍କ ବିଷୟରେ ଉଠେ ଯେଉଁମାନେ ଜୀବର ନିଜର ଅସ୍ତିତ୍ୱକୁ ସ୍ୱୀକାର କରନ୍ତି । ଯଦି ଜୀବ ଅନୁତ୍ପନ୍ନ ଓ ଅମର, ତେବେ ପ୍ରଶ୍ନ ଉଠୁଛି କି ଏ ଜୀବଙ୍କର ବନ୍ଧନର କାରଣ କ'ଣ ଏବଂ ମୋକ୍ଷର ସାଧନ କ'ଣ ତଥା ପ୍ରାପ୍ତ କରିଥିବା ଏହି ମୋକ୍ଷର ସ୍ୱରୂପ କ'ଣ ? ପୁଣି ଦେଖିବାକୁ ହେବ ଯେ ଏହି ମୋକ୍ଷରୁ କେବେ ପୁନରାବୃତ୍ତି ହେବ ନା ନାହିଁ ?

## ଜୀବ ସ୍ୱଭାବତଃ ନା ବନ୍ଧ, ନା ମୁକ୍ତ

ଯଦି ଜୀବକୁ ଅନୁତ୍ପନ୍ନ ଓ ଅମର କୁହାଯାଏ, ତେବେ ପ୍ରଶ୍ନ ଉଠେ ଯେ ବନ୍ଧନ ଅନାଦି ନା ଆଦି ? ଯଦି ବନ୍ଧନ ଅନାଦି ତେବେ ତାହା ଅନନ୍ତ ବି ହେବ, କାରଣ ଅଭାବ (ପ୍ରାଗଭାବ)କୁ ଛାଡ଼ି ଆଉ ଏପରି କୌଣସି ବସ୍ତୁ ବା ଅବସ୍ଥା ନାହିଁ ଯାହାର ଆଦି ନ ଥାଇ ଅନ୍ତ ରହିଛି । ଏପରି ସ୍ଥଳେ ମୁକ୍ତିର ସମ୍ଭାବନା ବି ରହିବ ନାହିଁ । ଯଦି ବନ୍ଧନର ଆଦି ରହେ ତେବେ ତାହାର କିଛି କାରଣ ଥିବ । ଜୀବ ନା ସ୍ୱଭାବତଃ ବନ୍ଧ, ନା ସ୍ୱଭାବତଃ ମୁକ୍ତ । 'ଶୁଦ୍ଧ-ବୁଦ୍ଧ-ମୁକ୍ତ ସ୍ୱଭାବ' ଶବ୍ଦର ପ୍ରୟୋଗ ଜୀବ ନିମନ୍ତେ ଭୁଲରେ କରାଯାଇଥାଏ । ଏହି ବିଶେଷଣ ତ କେବଳ ବ୍ରହ୍ମଙ୍କ ପାଇଁ ହିଁ ପ୍ରଯୁଜ୍ୟ । ମନେହୁଏ ଯେ ଏହି ଶବ୍ଦର ପ୍ରୟୋଗ ନବୀନ ବେଦାନ୍ତୀଙ୍କ ଠାରୁ ଆରମ୍ଭ ହୋଇଛି । ଯଦି ଜୀବ ସ୍ୱଭାବତଃ ଶୁଦ୍ଧ, ସ୍ୱଭାବତଃ ବୁଦ୍ଧ ଓ ସ୍ୱଭାବତଃ ମୁକ୍ତ, ତେବେ କୌଣସି ବସ୍ତୁ ଏହାକୁ ଅଶୁଦ୍ଧ ଏବଂ ଅମୁକ୍ତ କରି ହିଁ ପାରିବ ନାହିଁ । କିନ୍ତୁ ଏପରି ମାନିବା ବାସ୍ତବିକତାର ବିରୁଦ୍ଧ । ଆମଠାରେ ଅଶୁଦ୍ଧି, ଅଜ୍ଞାନ ଓ ବଦ୍ଧତା ରହିଛି, ଆମେ ପ୍ରତିକ୍ଷଣ ଏହା ଅନୁଭବ କରୁଛୁ ଏବଂ ଏଥିରୁ ମୁକ୍ତ ହେବା ପାଇଁ ପ୍ରଯତ୍ନ କରୁଛୁ । ଏଥିରୁ ସ୍ପଷ୍ଟ ହୁଏ ଯେ ଆମେ ସ୍ୱଭାବତଃ ମୁକ୍ତ ନୋହୁଁ । ପରନ୍ତୁ ଯଦି ଏହା ମାନିନିଆଯାଏ ଯେ ଆମେ ସ୍ୱଭାବତଃ ବଦ୍ଧ, ତେବେ ବି ଠିକ୍ ହେବ ନାହିଁ, କାରଣ ନିଜର ସ୍ୱଭାବ କାହାକୁ ଖରାପ ଲାଗେ ନାହିଁ କି ସେଥିରୁ ହଟିଯିବାକୁ ପ୍ରବୃତ୍ତି ହୁଏ ନାହିଁ । ଆମେ ପ୍ରଯତ୍ନ ସେହି ବସ୍ତୁ ପାଇଁ କରୁ ଯାହାର ପ୍ରାପ୍ତି ସମ୍ଭବ ବୋଲି ଭାବୁ । ଜୀବଙ୍କର ପ୍ରବୃତ୍ତି ଓ ପ୍ରକୃତି ଉଭୟରୁ ଜଣାଯାଏ ଯେ ବନ୍ଧନ ସ୍ୱାଭାବିକ ନୁହେଁ । ଯେହେତୁ ବନ୍ଧ ଓ ମୋକ୍ଷ ଉଭୟ ସ୍ୱାଭାବିକ ନୁହନ୍ତି, ତେଣୁ ନୈମିତ୍ତିକ ହିଁ ହେବେ ଏବଂ ଏହାର ନିମିତ୍ତ କାରଣ ଉପରେ ବିଚାର କରିବାକୁ ହେବ ।

ଋଷି ଦୟାନନ୍ଦ ଜୀବର ସେହି ଲକ୍ଷଣକୁ ମାନନ୍ତି ଯାହାକୁ ଗୌତମ ମୁନି ନ୍ୟାୟ ଦର୍ଶନରେ ମାନିଛନ୍ତି ଅର୍ଥାତ୍ ସୁଖ, ଦୁଃଖ, ଇଚ୍ଛା, ଦ୍ୱେଷ, ଜ୍ଞାନ ଓ ପ୍ରଯତ୍ନ । ସୂତ୍ରରେ ଆତ୍ମା ଶବ୍ଦ ରହିଛି । କିନ୍ତୁ ସୁଖ-ଦୁଃଖ ଶବ୍ଦ ପ୍ରକଟ କରନ୍ତି କି ଏଠାରେ ଆତ୍ମା ଶବ୍ଦରେ ଜୀବ ଅଭିପ୍ରେତ ଅଟେ, ପରମାତ୍ମା ନୁହନ୍ତି । କଣାଦ ମୁନି ଆତ୍ମାର ଲକ୍ଷଣରେ ନିମେଷ-ଉନ୍ମେଷ ଆଦିର ମଧ୍ୟ ପରିଗଣନ କରିଛନ୍ତି; କିନ୍ତୁ ଏସବୁ ଲକ୍ଷଣ ବାହ୍ୟ ଅଟନ୍ତି, ଆନ୍ତରିକ ନୁହନ୍ତି । କେବଳ ଶରୀର ସହ ସମ୍ବନ୍ଧ ରଖିବା କାରଣରୁ ଆତ୍ମାର ସ୍ୱରୂପକୁ ଦର୍ଶାଉ ନାହାନ୍ତି; କେବଳ କିଛି କ୍ରିୟାଗୁଡ଼ିକ ଆଡ଼କୁ ହିଁ ସଂକେତ କରୁଛନ୍ତି ।

## ସୁଖ ଦୁଃଖ କାହାର ଗୁଣ ?

ଆତ୍ମାର ଦୁଇଟି ଲିଙ୍ଗ କୁହାଯାଇଛି - ସୁଖ ଓ ଦୁଃଖ; କିନ୍ତୁ ଉଭୟେ ଏକତ୍ର ବିଦ୍ୟମାନ ରହନ୍ତି ନାହିଁ । ଆତ୍ମା ଯେଉଁ ମୁହୂର୍ତ୍ତରେ ସୁଖୀ ଥାଏ ସେହି ମୁହୂର୍ତ୍ତରେ ଦୁଃଖୀ ନ ଥାଏ ଏବଂ ଯେଉଁ କ୍ଷଣରେ ଦୁଃଖୀ ଥାଏ ସେହି କ୍ଷଣ ସୁଖୀ ନ ଥାଏ । ଏଥିପାଇଁ କିଛି ଲୋକ ବିଚାରନ୍ତି କି ସୁଖ ଓ ଦୁଃଖ ଉଭୟ ଆତ୍ମାର ଗୁଣ ନୁହନ୍ତି । କିନ୍ତୁ ଯଦି ଉଭୟେ ଆତ୍ମାର ଗୁଣ ନୁହନ୍ତି ତେବେ କାହାର ଗୁଣ ହେବେ ? ବାୟୁରେ ଉଷ୍ଣତା ଅଗ୍ନିରୁ ଆସେ । ଏଣୁ

କହିପାରିବା ଯେ ଉଷ୍ଣତା ବାୟୁର ସ୍ୱାଭାବିକ ଗୁଣ ତ ନୁହେଁ, କିନ୍ତୁ ନୈମିତ୍ତିକ ଗୁଣ । ଉଷ୍ଣତା ଅଗ୍ନିର ସ୍ୱାଭାବିକ ଗୁଣ ଏବଂ ଅଗ୍ନିରୁ ଆସିବା କାରଣରୁ ହିଁ ବାୟୁର ନୈମିତ୍ତିକ ଗୁଣ ହୋଇଯାଏ । ନୈମିତ୍ତିକ ଗୁଣ ତାକୁ କୁହାଯାଏ ଯାହା ଅନ୍ୟ କୌଣସି ନିମିତ୍ତର ସ୍ୱାଭାବିକ ଗୁଣ ହୋଇଥାଏ । ଏଣୁ ଯଦି ସୁଖ ଓ ଦୁଃଖକୁ ଆତ୍ମାର ନୈମିତ୍ତିକ ଗୁଣ ବୋଲି ମାନିନିଆଯାଏ ତେବେ ଏହା କହିବା ଦରକାର ଯେ ସୁଖ-ଦୁଃଖ କେଉଁ ନିମିତ୍ତର ସ୍ୱାଭାବିକ ଗୁଣ ? ଜଡ଼ ପ୍ରକୃତି ନା ସୁଖୀ ନା ଦୁଃଖୀ, ବ୍ରହ୍ମଙ୍କଠାରେ ବି ଦୁଃଖ ନାହିଁ, ପୁଣି ସୁଖ-ଦୁଃଖ ଆତ୍ମାର ନା ସ୍ୱାଭାବିକ ଗୁଣ ନିରୂପିତ ହୁଅନ୍ତି ନା ନୈମିତ୍ତିକ । ଏହା ଏକ ଏପରି ସମସ୍ୟା ଯାହାର ସମାଧାନ ଆବଶ୍ୟକ ।

## ସୁଖ-ଦୁଃଖର ଅଭାବ

ଏହି ସମସ୍ୟାକୁ ସମାଧାନ କରିବାରେ ଗୋଟିଏ କଥା ସହାୟକ ହେବ । ଏହା ଠିକ୍ ଯେ ଆତ୍ମା ସ୍ୱାଭାବତଃ ନା ସୁଖୀ, ନା ଦୁଃଖୀ । କିନ୍ତୁ ଏପରି କେବେ ହୁଏ ନାହିଁ କି ଆତ୍ମା ନା ସୁଖୀ ହୁଏ ନା ଦୁଃଖୀ । ଦୁଃଖ ଯେତେବେଳେ ନ ହେବ ସେତେବେଳେ ସୁଖ ହେବ ଏବଂ ସୁଖ ଯେତେବେଳେ ନ ହେବ ସେତେବେଳେ ଦୁଃଖ ହେବ । ଏହି କଥା ତ ଅତି ସାଧାରଣ ମନେହୁଏ, କିନ୍ତୁ ଦାର୍ଶନିକ ଦୃଷ୍ଟିରେ ମହତ୍ତ୍ୱପୂର୍ଣ୍ଣ ଅଟେ । ସୁଖର ଅଭାବର ନାମ ଦୁଃଖ ଏବଂ ଦୁଃଖର ଅଭାବର ନାମ ସୁଖ ନୁହେଁ । ଯେଉଁ ବସ୍ତୁରେ ସର୍ବଥା ଦୁଃଖର ଅଭାବ ଯଥା - ପଥର, ତାକୁ ସୁଖୀ କୁହାଯାଇପାରିବ ନାହିଁ । କିଛି ଲୋକଙ୍କର ଏହା ଆପତ୍ତି ହୋଇପାରେ କି ଯଦି ସୁଖର ଅଭାବ ଦୁଃଖ ଏବଂ ଦୁଃଖର ଅଭାବ ସୁଖ ନୁହେଁ ତେବେ ଉଭୟ ଏକା ସମୟରେ ଏକା ସ୍ଥାନରେ କାହିଁକି ରହିପାରିବେ ନାହିଁ ? କିନ୍ତୁ ଏହି ଆପତ୍ତି ନିରାଧାର । ଦୁଇ ଶତ୍ରୁଙ୍କର ଏକା ସମୟରେ ଅଭାବ ହୋଇପାରେ, କିନ୍ତୁ ଯୁଗପତ୍ ଭାବ ନୁହେଁ । ସୁଖ-ଦୁଃଖ ସେହିପରି ଶତ୍ରୁ ଅଟନ୍ତି ଯେପରି ବ୍ୟାକରଣରେ ଆଦେଶ ଏବଂ ତାହାର ସ୍ଥାନୀ, ବା ଯେପରି ପିଚକାରୀରେ ବାୟୁ ଓ ଜଳ । ଯେତେବେଳେ ବାୟୁ ବାହାରି ଆସେ ସେତେବେଳେ ଜଳ ପୂର୍ଣ୍ଣ ହୁଏ, ଯେତେବେଳେ ଜଳ ବାହାରି ଯାଏ ସେତେବେଳେ ବାୟୁ ପୂର୍ଣ୍ଣ ହୋଇଥାଏ । ସୁଖ ଓ ଦୁଃଖ ସାପେକ୍ଷିକ ବି ନୁହନ୍ତି । ଏଠାରେ ବି ଅନେକ ସମୟରେ ବୁଝିବାରେ ଭୁଲ୍ ହୋଇଯାଏ । ଲୋକେ ସୁଖ ଓ ଦୁଃଖକୁ ସାପେକ୍ଷିକ ଏଥିପାଇଁ ବିଚାରନ୍ତି କି ସେମାନେ ଦୁଃଖର ସାଧନକୁ ଦୁଃଖ ଏବଂ ସୁଖର ସାଧନକୁ ସୁଖ ବୋଲି ଧରିନିଅନ୍ତି । ଯାହାକୁ ଆମେ ସୁଖର ସାଧନ ବା ଦୁଃଖର ସାଧନ କହୁ, ତାହା ବ୍ୟଭିଚାରୀ ସାଧନ ଅଟେ ଅର୍ଥାତ୍ ତାହା ଷୋଳଅଣା ସତ୍ୟ ନୁହେଁ ଯେ ତଦ୍ୱାରା ସୁଖ ହିଁ ହେବ ବା ଦୁଃଖ ହିଁ ହେବ । ସୁଖର ସାଧନ କାହାକୁ ସୁଖୀ ତ କାହାକୁ ଦୁଃଖୀ ବି କରିଥାଏ ଏବଂ ଦୁଃଖର ସାଧନ ମଧ୍ୟ କାହାକୁ ସୁଖୀ ବି କରିଥାଏ । ଅତଃ ସୁଖ ଓ ଦୁଃଖର ମୀମାଂସା କରିବା ସମୟରେ ସାଧନ ଉପରେ ବିଚାର କରିବା ଉଚିତ ନୁହେଁ ।

## ଭୋକ୍ତୃତ୍ୱ ଆତ୍ମାର ସ୍ୱାଭାବିକ ଗୁଣ

ଆମେ ପୂର୍ବରୁ ଉଲ୍ଲେଖ କରିଛୁ ଯେ ଯେତେବେଳେ ଆତ୍ମାକୁ ସୁଖ ନ ହେବ ସେତେବେଳେ ଦୁଃଖ ଅବଶ୍ୟ ହେବ ଏବଂ ଯେତେବେଳେ ଦୁଃଖ ନ ହେବ ସେତେବେଳେ ସୁଖ ଅବଶ୍ୟ ହେବ । ଏଣୁ ଜଣାଗଲା ଯେ ସୁଖ ଓ ଦୁଃଖ ଆତ୍ମାର କୌଣସି ଗୋଟିଏ ହିଁ ଗୁଣର ଦୁଇ ପ୍ରକାରର ନାମ । ଏହି ଗୁଣକୁ ଆମେ ଭୋକ୍ତୃତ୍ୱ କହିବୁ । ଭୋକ୍ତୃତ୍ୱ ଆତ୍ମାର ସ୍ୱାଭାବିକ ଗୁଣ । ଏଥିରୁ ଆତ୍ମା କେବେ ମୁକ୍ତ ହୋଇପାରେ ନାହିଁ । ଅଭୀଷ୍ଟ ବସ୍ତୁର ପ୍ରାପ୍ତିରେ ସୁଖ ମିଳିବା ବି ଭୋକ୍ତୃତ୍ୱ ଏବଂ ଅନିଷ୍ଟ ପଦାର୍ଥର ଉପଲବ୍ଧିରେ ଦୁଃଖ ହେବା ବି ଭୋକ୍ତୃତ୍ୱ ଅଟେ । ଯଦି ଆତ୍ମାରେ ଭୋକ୍ତୃତ୍ୱ ନ ରହନ୍ତା, ତେବେ ତାକୁ ନା ସାଂସାରିକ ବସ୍ତୁ କିଛି ସୁଖ ଦେଇପାରନ୍ତେ ନା ସେ ମୋକ୍ଷ ସୁଖର ଇଚ୍ଛା ଅଥବା ପ୍ରାପ୍ତି କରିପାରନ୍ତା ।

## ଜୀବଠାରେ ଜ୍ଞାତୃତ୍ୱ ଶକ୍ତି

କିନ୍ତୁ ଆତ୍ମାରେ କେବଳ ଭୋକ୍ତୃତ୍ୱ ହିଁ ନାହିଁ । ଏଥିରେ ଜ୍ଞାନ ବି ରହିଛି । ଜ୍ଞାନ ଶବ୍ଦ ସମ୍ବନ୍ଧରେ ଅନେକ ଭ୍ରମ ରହିଛି । କେତେକ ଲୋକ ବୁଝନ୍ତି କି ଅତ୍ମା ସ୍ୱଭାବତଃ ଜ୍ଞାନୀ ଅଟେ, ଅଜ୍ଞାନ କୌଣସି ନିମିତ୍ତରୁ ଆସିଯାଏ । କିନ୍ତୁ ଅଜ୍ଞାନର ଅର୍ଥ ଜ୍ଞାନର ଅଭାବ ନିଅନ୍ତୁ ବା ମିଥ୍ୟାଜ୍ଞାନ, ଉଭୟ କଥା ସ୍ୱଭାବତଃ ଜ୍ଞାନୀଙ୍କୁ କଷ୍ଟ ଦେଇପାରନ୍ତି ନାହିଁ । ପ୍ରଥମତଃ, ସ୍ୱାଭାବିକ ଜ୍ଞାନୀ ସର୍ବଜ୍ଞ ହେବ । କାରଣ କେଉଁଟିକୁ ଜାଣିବା ଏବଂ କ'ଣ ନ ଜାଣିବା ଏହାର ବ୍ୟାଖ୍ୟା କିପରି ହୋଇପାରିବ ? ଦ୍ୱିତୀୟତଃ, ଜ୍ଞାନୀର ଜ୍ଞାନର ତିରୋଭାବ କିପରି ବା ହୋଇପାରିବ ? ଗୋଟିଏ ପ୍ରଦୀପ ଏବଂ ଅନ୍ୟ ବସ୍ତୁ ମଧ୍ୟରେ ପରଦା ରଖି ପାରିବା, କିନ୍ତୁ ପ୍ରଦୀପ ଓ ତା'ର ପ୍ରକାଶ ମଧ୍ୟରେ ପରଦା କିପରି ପକାଯାଇପାରିବ ? ଯେଉଁ ଜୀବ ସ୍ୱଭାବତଃ ଜ୍ଞାନୀ ସେ ଅଜ୍ଞାନୀ ବା ମିଥ୍ୟାଜ୍ଞାନୀ ହୋଇ ହିଁ ପାରିବ ନାହିଁ । ଅତଃ ଆମକୁ ସ୍ୱୀକାର କରିବାକୁ ପଡ଼େ ଯେ ଜ୍ଞାନର ଅର୍ଥ ଏଠାରେ ଜ୍ଞାତ ବସ୍ତୁର ଭଣ୍ଡାର ନୁହେଁ, ବରଂ ଜ୍ଞାତୃତ୍ୱ ଶକ୍ତି ଅଟେ । ଏହି ଶକ୍ତି ତାକୁ ଜଡ଼ ପଦାର୍ଥଠାରୁ ପୃଥକ୍ କରିଥାଏ । ପ୍ରତ୍ୟେକ ଜୀବଙ୍କଠାରେ ଜ୍ଞାତୃତ୍ୱ ରହିଛି । ଜ୍ଞାତ ବସ୍ତୁମାନଙ୍କର ସଂଖ୍ୟା ଊଣା-ଅଧିକ ହୋଇଥାଏ । ଆମେ ଚେଷ୍ଟା କଲେ ପ୍ରତିଦିନ ନୂଆ ନୂଆ ବସ୍ତୁମାନଙ୍କ ବିଷୟରେ ଜ୍ଞାନ ପ୍ରାପ୍ତ କରିଥାଉ । ଶିକ୍ଷାର ପ୍ରୟୋଜନ ବି ଏଇୟା । ଉପଲବ୍ଧ ଜ୍ଞାନର ହ୍ରାସ ବି ସେହିପରି ହୋଇଥାଏ ଯେପରି ଉପଲବ୍ଧ ଧନର ହୁଏ । ମିଥ୍ୟାଜ୍ଞାନର ବି ସେହିପରି ଉପଲବ୍ଧ ହୋଇଥାଏ ଯେପରି ବେଳେବେଳେ ଟଙ୍କା ଭିତରେ ଅଚଳ ନୋଟ୍ ଆସିଯାଏ । କିନ୍ତୁ ଏପରି କେବେ ହୁଏ ନାହିଁ ଯେ ଜୀବର ଜ୍ଞାତୃତ୍ୱ ନଷ୍ଟ ହୋଇଯାଏ । ଆମ ବିଚାରରେ ଗୌତମ ମୁନି ଜ୍ଞାନକୁ ଏହି ଅର୍ଥରେ ନେଇଛନ୍ତି ।

## ଜୀବ ଭୋକ୍ତା, ଏଣୁ ଇଚ୍ଛା ଓ ଦ୍ୱେଷ ରହିଛି

ଏହିପରି ଭାବେ ଜୀବର ଦୁଇଟି ଗୁଣ ଜଣାପଡ଼ିଲା - ଗୋଟିଏ ଭୋକ୍ତୃତ୍ୱ ଓ ଅନ୍ୟଟି ଜ୍ଞତୃତ୍ୱ; କିନ୍ତୁ ତା' ଛଡ଼ା ଆଉ ଏକ ଗୁଣ ବି ରହିଛି, ଏହାକୁ ନ୍ୟାୟଦର୍ଶନରେ ପ୍ରଯତ୍ନ କୁହାଯାଇଛି । ପ୍ରଯତ୍ନର ଅର୍ଥ କାର୍ଯ୍ୟଶୀଳତା । ଜଡ଼ ପଦାର୍ଥ ଅଚର । ଜୀବ ଚର ଅଟେ । ଅଚରରେ ଚରତ୍ୱ ବି ଜୀବ ଦ୍ୱାରା ଦିଆଯାଇଥାଏ । ଚୈତନ୍ୟର ମୁଖ୍ୟ ଲକ୍ଷଣ ହେଲା - ତାହାର ଚରତା । ପ୍ରାଣ, ଅପାନ, ନିମେଷ, ଉନ୍ମେଷ ଆଦି ବି ଜୀବର ଚରତ୍ୱ କାରଣରୁ ଅଛନ୍ତି । ଏହାକୁ ଆମେ କର୍ତ୍ତୃତ୍ୱ କହିପାରିବା । ଇଚ୍ଛା ଓ ଦ୍ୱେଷରେ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱର ସମ୍ମିଶ୍ରଣ ରହିଥାଏ । ଇଚ୍ଛା କ'ଣ ? ଏହାର ବିଶ୍ଳେଷଣ କରନ୍ତୁ । ଆମର ଧାରଣା ହେଉଛି ଯେ ଅମୁକ ବସ୍ତୁରୁ ଆମକୁ ସୁଖ ପ୍ରାପ୍ତ ହୁଅନ୍ତା, ଯଦି ତାହା ଆମ ପାଖରେ ଥାଆନ୍ତା । ଏଥିରେ ଜ୍ଞାତୃତ୍ୱ ଓ ଭୋକ୍ତୃତ୍ୱ ଉଭୟେ କାମ କରୁଛନ୍ତି । ଯଦି ଆମଠାରେ କେବଳ ଜ୍ଞାତୃତ୍ୱ ଥାଆନ୍ତା ଏବଂ ଭୋକ୍ତୃତ୍ୱ ନ ଥାନ୍ତା ତେବେ ସେ ପଦାର୍ଥ ନେବା ପାଇଁ ଇଚ୍ଛା ବି ହୁଅନ୍ତା ନାହିଁ । ଯେଉଁ ବସ୍ତୁ ସମ୍ବନ୍ଧରେ ଜ୍ଞାନ ଅଛି, କିନ୍ତୁ ଯାହାକୁ ଭୋଗ କରିବାର ଭାବନା ନାହିଁ ତାହାକୁ ପ୍ରାପ୍ତ କରିବାର ଇଚ୍ଛା ବି ହୁଏ ନାହିଁ । ଆମେ ଜାଣୁ ଯେ ସାପର ମୁହଁରେ ବିଷ ରହିଛି; କିନ୍ତୁ ଯେତେବେଳ ପର୍ଯ୍ୟନ୍ତ ଆମେ ସେହି ବିଷକୁ ଭୋଗ କରିବାର ଭାବନା ନ କରିବା, ସେତେବେଳ ପର୍ଯ୍ୟନ୍ତ ତାକୁ ପାଇବାର ଇଚ୍ଛା ବି କରିବା ନାହିଁ । କିନ୍ତୁ ମନେରଖିବା ଉଚିତ କି ଇଚ୍ଛାରେ କେବଳ ଜ୍ଞାତୃତ୍ୱ ଓ ଭୋକ୍ତୃତ୍ୱ ହିଁ ନାହିଁ, ବରଂ ସେଥିରେ ଚରତ୍ୱ ଅର୍ଥାତ୍ କର୍ତ୍ତୃତ୍ୱର ଅଂଶ ବି ରହିଛି ଏବଂ ପୁଷ୍କଳ ପରିମାଣରେ ରହିଛ । ଏହା ସମସ୍ତଙ୍କର ଅନୁଭବ ଯେ ଇଚ୍ଛା ହେବା ସଙ୍ଗେ ସଙ୍ଗେ ହିଁ ପ୍ରାଣୀ ଯଦିଓ ଶାରୀରିକ ରୂପରେ ନୁହେଁ ତେବେ ମାନସିକ ସ୍ତରରେ ଅବଶ୍ୟ ହିଁ ଦୂଷିତ ବସ୍ତୁ ପର୍ଯ୍ୟନ୍ତ ଯାଇ ପହଞ୍ଚିଯାଏ । ଯଦି ଇଚ୍ଛା ନ

ହୁଏ ତେବେ କୌଣସି କାର୍ଯ୍ୟ ବି ହୋଇପାରିବ ନାହିଁ —

**ଅକାମସ୍ୟ କ୍ରିୟା କାଚିଦ୍ ଦୃଶ୍ୟତେ ନେହ କର୍ହିଚିତ୍ ।**

**ୟଦ୍‌ୟଦ୍ଧି କୁରୁତେ କିଞ୍ଚିତ୍ ତତ୍ ତତ୍ କାମସ୍ୟ ଚେଷ୍ଟିତମ୍ ॥** (ମନୁ. ୨:୪)

ବସ୍ତୁତଃ ଇଚ୍ଛା କର୍ତ୍ତୃତ୍ୱର ପ୍ରଥମ ପ୍ରାନ୍ତ । ଯେଉଁ କଥା ଇଚ୍ଛା ବିଷୟରେ କୁହାଗଲା ତାହା ଦ୍ୱେଷ ସମ୍ବନ୍ଧରେ ବି ପ୍ରଯୁଜ୍ୟ ହୋଇଥାଏ । ସିଦ୍ଧାନ୍ତ ଏକା । କଥା ହେଲା ଇଚ୍ଛା ସୁଖର ଭାବନାରୁ ଆରମ୍ଭ ହୋଇଥାଏ ଏବଂ ଦ୍ୱେଷ ଦୁଃଖର ଭାବନାରୁ – ତଥା ଉଭୟେ ଭୋକ୍ତୃତ୍ୱରୁ । ଯଦି ଜୀବ ଭୋକ୍ତା ହୋଇନଥାନ୍ତା ତେବେ ତାହାଠାରେ ନା ଇଚ୍ଛା ଥାଆନ୍ତା, ନା ଦ୍ୱେଷ ।

## ବ୍ରହ୍ମଙ୍କଠାରେ ଭୋକ୍ତୃତ୍ୱ ନାହିଁ

ଏହିପରି ଭାବେ ଆମେ ଜୀବର ତିନି ପ୍ରକାର ଗୁଣର ସନ୍ଧାନ ପାଇଲେ ଅର୍ଥାତ୍ ଭୋକ୍ତୃତ୍ୱ, ଜ୍ଞାତୃତ୍ୱ ଏବଂ କର୍ତ୍ତୃତ୍ୱ । କିନ୍ତୁ ଏଠାରେ ଗୋଟିଏ ପ୍ରଶ୍ନ ଉଠେ – ଏ ମଧ୍ୟରୁ କେଉଁ କେଉଁ ଗୁଣ ବ୍ରହ୍ମଙ୍କୁ ଜୀବଠାରୁ ଭିନ୍ନ କରିଥାଏ ? ଜୀବଠାରେ ଜ୍ଞାତୃତ୍ୱ ରହିଛି ବ୍ରହ୍ମଙ୍କଠାରେ ବି ଜ୍ଞାତୃତ୍ୱ ରହିଛି । ଜୀବଠାରେ କର୍ତ୍ତୃତ୍ୱ ରହିଛି, ବ୍ରହ୍ମଙ୍କଠାରେ ବି କର୍ତ୍ତୃତ୍ୱ ଅଛି । ସମ୍ଭବତଃ ଆପଣ କହିବେ କି ଜୀବଠାରେ ଭୋକ୍ତୃତ୍ୱ ରହିଛି, କିନ୍ତୁ ବ୍ରହ୍ମଙ୍କଠାରେ ଭୋକ୍ତୃତ୍ୱ ନାହିଁ, କାରଣ ବେଦ ବି କହେ —

**ଦ୍ୱା ସୁପର୍ଣ୍ଣା ସୟୁଜା ସଖାୟା ସମାନଂ ବୃକ୍ଷଂ ପରି ଷସ୍ୱଜାତେ ।ତୟୋରନ୍ୟଃ ପିପ୍ପଳଂ ସ୍ୱାଦ୍ୱତ୍ତ୍ୟନଶ୍ନନ୍ ଅନ୍ୟୋ ଅଭିଚାକଶୀତି ॥**

(ଋକ୍. ୧:୧୬୪:୨୦)

ଅର୍ଥାତ୍ ଜୀବ ତ ଏହି ବୃକ୍ଷର ଫଳକୁ ଭୋଗକରେ; କିନ୍ତୁ ବ୍ରହ୍ମ ଭୋଗ କରନ୍ତି ନାହିଁ ।

କିନ୍ତୁ ବ୍ରହ୍ମଙ୍କୁ ଭୋକ୍ତୃତ୍ୱ ଶୂନ୍ୟ ବି କହିବା ଠିକ୍ ନୁହେଁ । ବେଦରେ ଏହା କୁହାଯାଇ ନାହିଁ କି ବ୍ରହ୍ମଙ୍କଠାରେ ଭୋକ୍ତୃତ୍ୱ ନାହିଁ । ବେଦ ମନ୍ତ୍ର ତ କେବଳ ଏତିକି କହେ ଯେ ବ୍ରହ୍ମ ଏହି ବୃକ୍ଷର ଫଳକୁ ଖାଆନ୍ତି ନାହିଁ; ବ୍ରହ୍ମ ତ ସ୍ୱୟଂ ହି ଆନନ୍ଦସ୍ୱରୂପ । ସେ ନିଜର ଆନନ୍ଦରେ ହିଁ ଆନନ୍ଦିତ ରହନ୍ତି ।

ସମ୍ଭବତଃ ଲୋକେ କହିବେ ଯେ ଏପରି କହି ଆପଣ ବ୍ରହ୍ମଙ୍କୁ ବି ଭୋଗୀ କରିଦେଲେ । ଏହା ତ ବ୍ରହ୍ମଙ୍କ ପ୍ରତି ଘୋର ଅନାଦର । କିନ୍ତୁ ମନେରଖିବା ଉଚିତ କି ମୁଁ ଭୋଗ ଶବ୍ଦକୁ ଶସ୍ତା ଲୋକପ୍ରଚଳିତ ଅର୍ଥରେ ନେଇ ନାହିଁ । ସାଧାରଣ ଭାଷାରେ ତ ଭୋଗୀ ବିଷୟୀ ପୁରୁଷକୁ କୁହାଯାଏ, ଯିଏ ସାଂସାରିକ ବିଷୟରେ ସୁଖର ଅନ୍ୱେଷଣ କରେ । ଯିଏ ଭୋଗ୍ୟ ଆନନ୍ଦର ସ୍ୱରୂପରେ ରହି ଆନନ୍ଦ ଅନୁଭବ କରୁଛି ତାକୁ ଭୋଗୀ କୁହାଯାଏ ନାହିଁ । କିନ୍ତୁ ଏହା ତ ସାଧାରଣ ଭାଷାର ପ୍ରୟୋଗ ମାତ୍ର । ଦାର୍ଶନିକ ବିଚାର କରିବା ସମୟରେ ତ ଆମକୁ ଭାଷାର ସାଧାରଣ ଅର୍ଥଠାରୁ ଉପରକୁ ଉଠିବାକୁ ହେବ । ଈଶ୍ୱରଙ୍କ ଆନନ୍ଦ ନା ତାଙ୍କର କର୍ତ୍ତୃତ୍ୱରେ ଆସେ ନା ଜ୍ଞାତୃତ୍ୱରେ । ଏହା ତ ସେହି ଶ୍ରେଣୀର ବସ୍ତୁ ଅଟେ ସୁଖ ଯେଉଁ ଶ୍ରେଣୀର ବସ୍ତୁ । ଆମେ ପୂର୍ବରୁ କହିଛୁ କି ସୁଖ ଓ ସୁଖର ସାଧନ ଭିତରେ ପାର୍ଥକ୍ୟ ରହିଛି । ଉପନିଷଦକାରମାନେ ତ ଏ ପର୍ଯ୍ୟନ୍ତ କହିଛନ୍ତି କି ଜଳ ପାନ କଲେ ଆମକୁ ସୁଖ ଏଥିପାଇଁ ହୁଏ ଯେ ଆମର ବୃତ୍ତି ଜଳରୁ ହଟି ଭିତର ପେଟକୁ ହୋଇଯାଏ । କିଛି ବିଦ୍ୱାନ୍ ସୁଖ ଓ ଆନନ୍ଦ ମଧ୍ୟରେ ଏ ପ୍ରଭେଦ ଦର୍ଶାଇଛନ୍ତି କି ସୁଖରେ ଦୁଃଖ ମିଶ୍ରିତ ହୋଇ ରହିଥାଏ, କିନ୍ତୁ ଆନନ୍ଦରେ ନୁହେଁ । କିନ୍ତୁ ମିଶ୍ରଣର ଅର୍ଥ କ'ଣ ? ସୁଖ ଓ ଦୁଃଖ କିପରି ବା ମିଶି ପାରିବେ ? ଏବଂ ଯଦି ବା ମିଶ୍ରଣ ହୁଏ ତେବେ ସେହି ମିଶ୍ରଣରୁ ତୃତୀୟ ବସ୍ତୁ କ'ଣ ଉତ୍ପନ୍ନ ହେବ ? ଯଦି କୁହାଯାଏ କି ଆନନ୍ଦ

ଓ ଦୁଃଖ ମିଶି ସୁଖ ତିଆରି ହୁଏ, ତେବେ ବି ଆମରି ହିଁ କଥା ଠିକ୍ ହେବ ଅର୍ଥାତ୍ ଆନନ୍ଦ ଭୋକ୍ତୃତ୍ୱ ଅଟେ । ସୁଖ ଓ ଦୁଃଖର ସେହିଭଳି ସମ୍ମିଶ୍ରଣ ତ ହୋଇପାରିବ ନାହିଁ ଯେପରି ଦୁଧ ଏବଂ ଚିନିର ହୋଇଥାଏ, ନା ସେହି ପ୍ରକାର ବି ହୋଇପାରିବ ଯେପରି ଅମ୍ଳଜାନ ଓ ଉଦ୍‌ଜାନ ମିଶି ଜଳ ତିଆରି ହୁଏ । ଦୁଃଖ ମିଶ୍ରିତ ସୁଖର ଅର୍ଥ କେବଳ ଏହା ଯେ ଯେଉଁ ବସ୍ତୁ ଆମକୁ ଏହି ମୁହୂର୍ତ୍ତରେ ସୁଖ ଦିଏ ତାହା ପରମୁହୂର୍ତ୍ତରେ ଦୁଃଖ ଦେଇଥାଏ । ଈଶ୍ୱର ଅନ୍ୟ ବସ୍ତୁ ମାଧ୍ୟମରେ ସୁଖ ଗ୍ରହଣ କରନ୍ତି ନାହିଁ । ଏଣୁ ସେଠାରେ ଦୁଃଖର ବିଷୟ ହିଁ ଉଠେ ନାହିଁ । ତେଣୁ ଈଶ୍ୱରଙ୍କୁ ଆନନ୍ଦସ୍ୱରୂପ ବି କୁହାଯାଇଛି ଏବଂ ସୁଖସ୍ୱରୂପ ବି । ସ୍ୱାନୁଭୂତି ହିଁ ତାଙ୍କର ଆନନ୍ଦ ଅଟେ । ଆପଣ କହିବେ ଯେ ତୁମର ଏତେ ସବୁ କଥା ପ୍ରଶ୍ନକୁ ଅଧିକ ଜଟିଳ କରିଦେଲା ଅର୍ଥାତ୍ ଜୀବ ଓ ବ୍ରହ୍ମ ମଧ୍ୟରେ ପ୍ରଭେଦ କ'ଣ ଯଦି ଜ୍ଞାତୃତ୍ୱ, ଭୋକ୍ତୃତ୍ୱ ଏବଂ କର୍ତ୍ତୃତ୍ୱ ଏ ତିନୋଟି ଯାକ ଗୁଣ ଉଭୟଙ୍କଠାରେ ରହିଛି ?

ପାର୍ଥକ୍ୟ ରହିଛି ଏବଂ ତାହା ସ୍ପଷ୍ଟ ରୂପରେ ରହିଛି । ଏହି ପାର୍ଥକ୍ୟର ସମ୍ବନ୍ଧ ମୁକ୍ତିର ପ୍ରଶ୍ନ ସହ ଜଡ଼ିତ । ବ୍ରହ୍ମଙ୍କୁ ଅନନ୍ତ ଓ ବିଭୁ କୁହାଯାଇଛି । ଜୀବ ସାନ୍ତ ଏବଂ ଅଣୁ ଅଟେ । ଈଶ୍ୱରଙ୍କଠାରେ ପୂର୍ଣ୍ଣ ଆନନ୍ଦ, ପୂର୍ଣ୍ଣ ଜ୍ଞାନ ଏବଂ ପୂର୍ଣ୍ଣ କର୍ତ୍ତୃତ୍ୱ ରହିଛି, ଯାହା ଜୀବଠାରେ ନାହିଁ । ଏଣୁ ମୋତେ ଜୀବର ଏହାଠାରୁ ଅଧିକ ଉତ୍ତମ ଲକ୍ଷଣ ମିଳିଲା ନାହିଁ —

**ଜୀବୋ ଭୋକ୍ତୃତ୍ୱ-ଜ୍ଞାତୃତ୍ୱ-କର୍ତ୍ତୃତ୍ୱବାନଣୁଃ ।**

ଜୀବର ଅଣୁତ୍ୱ ହିଁ ଜୀବର ବନ୍ଧ, ଜୀବର ମୁମୁକ୍ଷତ୍ୱ ଏବଂ ଜୀବର ମୋକ୍ଷର କାରଣ । ଈଶ୍ୱର ନିତ୍ୟ-ଶୁଦ୍ଧ-ବୁଦ୍ଧ-ମୁକ୍ତ ସ୍ୱଭାବ ହୋଇଥିବାରୁ ନା ବଦ୍ଧ ଅଟନ୍ତି, ନା ମୁମୁକ୍ଷୁ ଏବଂ ନା ମୁକ୍ତ । ଯେତେବେଳେ ଆମେ ଈଶ୍ୱରଙ୍କୁ ମୁକ୍ତ ସ୍ୱଭାବ କହୁ ସେତେବେଳେ ସେଠାରେ ମୁକ୍ତ ଶବ୍ଦର ପ୍ରୟୋଗ ସାପେକ୍ଷିକ ଦୃଷ୍ଟିରେ କରିଥାଉ । ମହର୍ଷି ଦୟାନନ୍ଦ ସତ୍ୟାର୍ଥ ପ୍ରକାଶରେ ଗୋଟିଏ ପ୍ରଶ୍ନ ଉଠାଇଛନ୍ତି କି ଈଶ୍ୱର ରାଗୀ ଅଟନ୍ତି ନା ବିରକ୍ତ ? ଏବଂ ଏହି ପ୍ରଶ୍ନର ସେ ଯେଉଁ ଉତ୍ତର ଲେଖିଛନ୍ତି ତାହା ଏଠାରେ ବି ପ୍ରଯୁଜ୍ୟ ହେଉଛି ।

ଏହି ପ୍ରସଙ୍ଗରେ ଗୋଟିଏ କଥାକୁ ଅଧିକ ସ୍ପଷ୍ଟ କରି ଦିଆଯାଉ । ପ୍ରାୟ କୁହାଯାଇଥାଏ କି 'ବ୍ରହ୍ମବିଦ୍ ବ୍ରହ୍ମ ଏବ ଭବତି' ଅର୍ଥାତ୍ ମୁକ୍ତି ଅବସ୍ଥାରେ ଜୀବ ବି ବ୍ରହ୍ମ ହିଁ ହୋଇଯାଏ । କିନ୍ତୁ ଉପନିଷଦର ଏହି ବାକ୍ୟର ଅର୍ଥ 'ଏବ' ସ୍ଥାନରେ 'ଇବ' ହିଁ କରିବାକୁ ହେବ । ବେଦାନ୍ତଦର୍ଶନରେ ଗୋଟିଏ ସୂତ୍ରରେ ଏହି କଥାକୁ ଅତି ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି —

**ଜଗଦ୍‌ବ୍ୟାପାରବର୍ଜଂ ପ୍ରକରଣାଦ-ସଂନିହିତତ୍ୱାଚ୍ଚ ॥** (ବେଦାନ୍ତ. ୪:୪:୧୬)

ଶଙ୍କାରାଚାର୍ଯ୍ୟ ଏହାର ଭାଷ୍ୟରେ ଲେଖିଛନ୍ତି —

**ଜଗଦୁତ୍ପତ୍ୟାଦିବ୍ୟାପାରଂ ବର୍ଜୟିତ୍ୱାଽନ୍ୟଦଣିମାଦ୍ୟାତ୍ମକମୈଶ୍ୱର୍ଯ୍ୟମୁକ୍ତାନାଂ ଭବିତୁମର୍ହତି । ଜଗଦ୍‌ବ୍ୟାପାରସ୍ତୁ ନିତ୍ୟସିଦ୍ଧ-ସ୍ୟୈବେଶ୍ୱରସ୍ୟ ।**

ଅର୍ଥାତ୍ ମୁକ୍ତ ଜୀବମାନଙ୍କୁ ଅନ୍ୟ ଶକ୍ତିଗୁଡ଼ିକ ତ ମିଳିଥାଏ; କିନ୍ତୁ ସେମାନେ ସୃଷ୍ଟିର ଉତ୍ପତ୍ତି ଆଦି କରିପାରନ୍ତି ନାହିଁ । ନା ସୂର୍ଯ୍ୟ-ଚନ୍ଦ୍ର ତିଆରି କରିପାରନ୍ତି, ନା ଲୋକ-ଲୋକାନ୍ତରର ପାଳନ ବା ସଂହାର କରିପାରନ୍ତି । ଏହି କାର୍ଯ୍ୟ ତ ନିତ୍ୟସିଦ୍ଧ ଈଶ୍ୱର ହିଁ କରିଥାନ୍ତି । ଏଥିରୁ ଦୁଇଟି ତଥ୍ୟ ସୁସ୍ପଷ୍ଟ —

୧. ମୁକ୍ତିରେ ଜୀବ ବ୍ରହ୍ମ ହୋଇଯାଏ ନାହିଁ ।

୨. 'ଅହଂ ବ୍ରହ୍ମାସ୍ମି'ର ଅନୁଭୂତି ମୋକ୍ଷର ସାଧନ ନୁହେଁ ।

ବର୍ତ୍ତମାନ ଦେଖିବା ଆବଶ୍ୟକ ଯେ ଯାହକୁ ମୋକ୍ଷ

ବା ପରମପଦ କୁହାଯାଏ ତାହା କେଉଁ ଅବସ୍ଥାର ନାମ ? ଯେଉଁମାନେ କୌଣସି ସ୍ଥାନ ବିଶେଷର ପ୍ରାପ୍ତିକୁ ମୁକ୍ତି କହନ୍ତି ସେମାନ ତ ସର୍ବଥା ହିଁ ଭ୍ରାନ୍ତ ଅଟନ୍ତି । ତାହା ଚତୁର୍ଥ ବା ସପ୍ତମ ସ୍ୱର୍ଗ ହେଉ କି ତାହା ଚନ୍ଦ୍ରଲୋକ ବା ସୂର୍ଯ୍ୟଲୋକ କିମ୍ବା ଶିଳା ବିଶେଷ ହେଉ । କିନ୍ତୁ ଯଦି ଏକ ଜୀବ କୌଣସି ସ୍ଥାନ ବିଶେଷକୁ ଯାଇପାରେ ତେବେ ବନ୍ଦୀ ଅବସ୍ଥା ବ୍ୟତୀତ ଅନ୍ୟ ପରିସ୍ଥିତିରେ ସେଠାରୁ ଆସିପାରେ ନାହିଁ କାହିଁକି ? ଏହା ତ ବୁଝି ହେଉଛି କି କାହାକୁ ନରକରୁ ବାହାରିବାକୁ ନ ଦିଆଯାଉ, କାରଣ ନରକ ବନ୍ଦୀଗୃହ ଅଟେ । କିନ୍ତୁ ସ୍ୱର୍ଗରେ ବନ୍ଦୀ କରିବାର ତ କୌଣସି ପ୍ରୟୋଜନ ହିଁ ନାହିଁ । ପୁନଃ ଦାର୍ଶନିକ ସିଦ୍ଧାନ୍ତ ଏହା ଯେ ଯାହାର ଆରମ୍ଭ ରହିଛି, ତା'ର ଅନ୍ତ ବି ରହିଛି । ପ୍ରଧ୍ୱଂସାଭାବକୁ ଛାଡ଼ି ଏପରି ଅନ୍ୟ କୌଣସି ଦୃଷ୍ଟାନ୍ତ ନାହିଁ, ଯିଏ ଏହାର ଖଣ୍ଡନ କରିପାରିବ । ଅଭାବକୁ ଦୃଷ୍ଟାନ୍ତ ମାନିବାରେ ଅନେକ ଆପତ୍ତି ରହିଛି । ଯେଉଁମାନେ ପ୍ରାଗଭାବ ଏବଂ ପ୍ରଧ୍ୱଂସାଭାବକୁ ନେଇ ଉପରୋକ୍ତ ଦାର୍ଶନିକ ସିଦ୍ଧାନ୍ତର ଖଣ୍ଡନ କରନ୍ତି ସେମାନେ ଭୁଲ୍ କରିଥାନ୍ତି । ଏହି ହେତ୍ୱାଭାସକୁ ଆମେ ବୀଜ ଗଣିତର ଏକ ସମୀକରଣ ଦ୍ୱାରା ଦର୍ଶାଉଛୁ । ମନେକରନ୍ତୁ ଯେ —

କ = ୦

\ ୧୦୦କ = ୦

ଏବଂ ୨କ = ୦

\ ୧୦୦କ = ୨କ

ଉଭୟ ପଟକୁ 'କ'ରେ ଭାଗ କଲେ, ୧୦୦କ/କ = ୨କ/କ

\ ୧୦୦ = ୨

ଏଠାରେ ସମୀକରଣର ସମସ୍ତ ନିୟମକୁ ଠିକ୍ ଠିକ୍ ବ୍ୟବହାର କରାଯାଇଛି । ହେତ୍ୱାଭାସର ସ୍ଥାନ କେବଳ ଗୋଟିଏ । ତାହା ହେଲା କି 'କ'କୁ '୦' ସହିତ ସମାନ ମାନିନିଆଗଲା ଅର୍ଥାତ୍ 'କ' ଅଭାବର ନାମ । ଯଦି 'କ' ଭାବର ନାମ ହୋଇଥାନ୍ତା ତେବେ ଅବ୍ୟବସ୍ଥା କଦାପି ଉତ୍ପନ୍ନ ହୋଇପାରନ୍ତା ନାହିଁ । ଏହିପରି ଭାବ ଓ ଅଭାବ ସମକକ୍ଷ ନ ହେବା କାରଣରୁ ଭାବରେ ଅଭାବର ଦୃଷ୍ଟାନ୍ତ କାର୍ଯ୍ୟ କରେ ନାହିଁ । ଆଉ ଏକ ବିଷୟ ରହିଛି ଯାହା ପ୍ରତି ଦାର୍ଶନିକଙ୍କ ଧ୍ୟାନ ଯାଇନାହିଁ । ପ୍ରାଗଭାବକୁ ଅନାଦି-ସାନ୍ତ ଓ ପ୍ରଧ୍ୱଂସାଭାବକୁ ସାଦି-ଅନନ୍ତ କହୁଥିବା ବ୍ୟକ୍ତି ଏହା ବିଚାରନ୍ତି ନାହିଁ କି ପ୍ରାଗଭାବ ଓ ପ୍ରଧ୍ୱଂସାଭାବ କିପରି ବସ୍ତୁ ଏବଂ ତାହାର ଏପରି ନାମ କାହିଁକି ହୋଇଛି ? ଏହି ନାମରୁ ହିଁ ଜଣାପଡ଼େ କି ପ୍ରାଗଭାବ ଏବଂ ପ୍ରଧ୍ୱଂସାଭାବ ଏକ ଅନିତ୍ୟ (ସାଦି ଓ ସାନ୍ତ) ବସ୍ତୁର ଆଦି ଓ ଅନନ୍ତର ନାମ ଏବଂ ସେହି ବସ୍ତୁର ଅପେକ୍ଷାରେ ଏପରି ନାମ ରଖାଯାଇଛି । ଘଟର ଜନ୍ମ ପୂର୍ବରୁ ତାହାର ନାମ 'ଘଟ'ର ପ୍ରାଗଭାବ ଏବଂ ତା'ର ମରଣର ନାମ ଘଟର ପ୍ରଧ୍ୱଂସାଭାବ । ଯଦି ଅନିତ୍ୟ(ସାଦି ଓ ଅନନ୍ତ) ବସ୍ତୁଗୁଡ଼ିକୁ ଛାଡ଼ି ଦିଆଯାଏ ତେବେ ନା ପ୍ରାଗଭାବ ବୋଲି କିଛି ରହେ, ନା ପ୍ରଧ୍ୱଂସାଭାବ । ଏଣୁ ଯଦି ସ୍ୱର୍ଗର ଆଦି ରହେ ତେବେ ତା'ର ଅନ୍ତ ଅବଶ୍ୟ ହିଁ ସ୍ୱୀକାର କରିବାକୁ ହେବ, ଏବଂ ଏତଦ୍ୱାରା ପୁନରାବୃତ୍ତି ସିଦ୍ଧ ହୋଇଯିବ ।

ଭାଷାନ୍ତର

**ପଦ୍ମନାଭ ସ୍ୱାଇଁ**

❖❖❖

କ୍ରମଶଃ.....





ମଞ୍ଚରୁ ୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞର ସଞ୍ଚାଳନ





୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞରେ ଆଗ୍ରହ ଉତ୍ସାହ ସହକାରେ ଭାଗ ନେଉଛନ୍ତି ଧର୍ମପ୍ରାଣ ଶ୍ରଦ୍ଧାଳୁ ଜନତା



ରୁକ୍ମଣ ମହାପାତ୍ରଙ୍କୁ ଶ୍ରୁତିସୁଧାସେଚକ ସମ୍ମାନ



ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ରବିକିରଣ ସ୍ୱାଇଁ ସମ୍ବର୍ଦ୍ଧିତ



ଦ୍ୱିଜେନ୍ଦ୍ର କୁମାର ସାହୁଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ



ଶ୍ରୀକାନ୍ତ ଷଡ଼ଙ୍ଗୀଙ୍କୁ ଶ୍ରୁତିସୌରଭ ପ୍ରସାରକ ସମ୍ମାନ

RNI Regn. No. : ODIODI/2015/65938
₹ 20/- Shruti Sourabha Vol. 6 Issue 3 March - April 2021





ସ୍ୱାମୀ ସୁଧାନନ୍ଦଙ୍କୁ ସଂସାରର ଆଲୋକ ଦେଖାଇଥିବା ପୂଜ୍ୟା ମାତା ସୂର୍ଯ୍ୟମଣି ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା କରିବାର ବିରଳ ସୁଯୋଗର ସଦୁପଯୋଗ କରୁଛନ୍ତି ଆଚାର୍ଯ୍ୟ ଶୁକଦେବ ପରିବ୍ରାଜକ ତଥା କାର୍ଯ୍ୟକର୍ତ୍ତାବୃନ୍ଦ



ଆନନ୍ଦ ସାମନ୍ତରାୟଙ୍କ ଓଜସ୍ୱୀ ଉଦ୍‌ବୋଧନ



ଯଜ୍ଞରେ ଭାଗ ନେଉଥିବା ଶ୍ରଦ୍ଧାଳୁ ବୃନ୍ଦ

**Shruti Sourabha**
**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**